## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୪।୦୬।୨୦୨୨

| | |
|---|---|
| ୪,୫୧, ୬୬୦ ଟଙ୍କା | |
| ସୁନା | ୬୫୦ ମଲି ଗ୍ରାମ୍ |
| ରୁପା | ୫୩.୫୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଶ୍ରୀଶ୍ରୀ ସଙ୍କଟମୋଚନ ହନୁମାନଙ୍କ ୨୯ତମ ବାର୍ଷିକ ଜନ୍ମୋତ୍ସବ ଏବଂ ବିଶ୍ୱଶାନ୍ତି ଯଜ୍ଞ, ମନ୍ଦିର ପ୍ରାଙ୍ଗଣ, ରସୁଲଗଡ଼, ସକାଳ ୭ଟା।
- ବିଶ୍ୱ ପରିବେଶ ଦିବସ ଉପଲକ୍ଷେ 'କେବଳ ଗୋଟେ ପୃଥିବୀ' କାର୍ଯ୍ୟକ୍ରମ, ଏଚ୍ଆର୍ଡିସି ବିଲ୍ଡିଂ, ଉତ୍କଳ ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୯ଟା ୩୦।
- ବ୍ରହ୍ମବିଦ୍ୟା ଟ୍ରଷ୍ଟର ୧୨ତମ ପ୍ରତିଷ୍ଠା ଦିବସ, ଉତ୍କଳ ବିଶ୍ୱବିଦ୍ୟାଳୟ, ପି.ଜି. ପରିଷଦ କାର୍ଯ୍ୟାଳୟ ସଭାକକ୍ଷ, ପୂର୍ବାହ୍ନ ୧୦ଟା।
- ପ୍ରେରଣା ଓ ସ୍ମାଇଲ ପ୍ଲିଜ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସରେ 'ଜଗା ପାଇଁ ଗଛଟିଏ ଲଗା' ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ବିଶ୍ୱ ପରିବେଶ ଦିବସ ଉପଲକ୍ଷେ 'କେବଳ ଗୋଟେ ପୃଥିବୀ' କାର୍ଯ୍ୟକ୍ରମ, କ୍ଲାସିକ୍ କଣ୍ଟିନେଣ୍ଟାଲ, କୋଳଥିଆ, ଖଣ୍ଡଗିରି, ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ଓ ପ୍ରକୃତି ମିତ୍ର ପୁରସ୍କାର ବିତରଣ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୧ଟା।
- 'ଅମୃତା' କ୍ରିଏଶନ୍ ନବେଦିତ ରଜ ମଉଜ-୨୦୨୨, ବିଜୁ ନାଟ୍ୟକେନ୍ଦ୍ର, ଅପରାହ୍ନ ୪ଟା।
- ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥ ମ୍ୟାନେଜମେଣ୍ଟ ରିସର୍ଚ୍ଚର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆଲୋଚନା, ହୋଟେଲ ସ୍ୱସ୍ତି ପ୍ରିମିୟମ୍, ଅପରାହ୍ନ ୫ଟା।
- ସମ୍ବେଦନା ଓ ସ୍ନେହା ଫାଉଣ୍ଡେଶନର ପ୍ରତିଷ୍ଠା ଦିବସ ଓ ରଜୋତ୍ସବ, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୫ଟା।
- ପ୍ରହ୍ଲାଦ ମଲ୍ଲିକଙ୍କ ଜୀବନୀ ପୁସ୍ତକ 'ଫଲ୍ଗୁ' ଲୋକାର୍ପଣ, ଗୀତଗୋବିନ୍ଦ ସଦନ, ଅପରାହ୍ନ ୫ଟା ୩୦।
- ୩୦ତମ ନେତ୍ରାଞ୍ଜଳି ସମାରୋହ, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।
- ଉତ୍କଳ ବିଦ୍ୱତ ପରିଷଦ ପକ୍ଷରୁ ମହିମାମୟ ଶ୍ରୀ ମହାପ୍ରସାଦ ଆଲୋଚନାଚକ୍ର, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା ୩୦।

କଟକ

- କଟକ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଆନେକ୍ସ-୧, କ୍ଲବ ପରିସର, ସକାଳ ୮ଟା ୩୦।
- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ପରିବେଶ ଦିବସ, ପ୍ରଭୁ ସମର୍ପଣ ଭବନ, ଝାଞ୍ଜିରିମଙ୍ଗଳା, ସକାଳ ୮ଟା ୪୫।
- ଷ୍ଟାର କଲ୍ଚରାଲ ଫେଷ୍ଟିଭାଲ୍ ପକ୍ଷରୁ ପଞ୍ଚମ ମହୋତ୍ସବର ଉଦ୍ଯାପନୀ, କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା।
- ମେଲଭିନ ଜୋନ୍ସ ଲାୟନ୍ସ ଆଇ ହସ୍ପିଟାଲରେ ରେଟିନା ସେକ୍ସନର ଉଦ୍ଘାଟନ, ହସ୍ପିଟାଲ ପରିସର, ସନ୍ଧ୍ୟା ୭ଟା।

ପୁରୀ

- ଉମିଦ୍ ଫାଉଣ୍ଡେଶନ୍ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ତାଳବଣିଆ, ସକାଳ ୮ଟା।
- ପରମ ପୂଜ୍ୟପାଦ ଶ୍ରୀଶ୍ରୀ ଦାଦାଙ୍କ ପବିତ୍ର ଚିତାଭସ୍ମ ସମୁଦ୍ରରେ ବିସର୍ଜନ, ଚକ୍ରତୀର୍ଥ ରୋଡ, ସତ୍ସଙ୍ଗ ଠାକୁର ବାଡି, ସମୟ ସକାଳ ୮ଟା।
- ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀର ସୁବର୍ଣ୍ଣ ଜୟନ୍ତୀ, ଦୁଦୁୱାଲା ଧର୍ମଶାଳା, ପୂର୍ବାହ୍ନ ୯ଟା ୩୦।
- ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱପରିବେଶ ଦିବସ ପାଳନ, ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମ, ପୂର୍ବାହ୍ନ ୧୧ଟା।
- ନୀଳାଚଳ ତତ୍ତ୍ୱସନ୍ଧାନ ପରିଷଦ ପକ୍ଷରୁ ଆଦିଶଙ୍କର ଏବଂ ଶ୍ରୀଜଗନ୍ନାଥ ଆଲୋଚନାଚକ୍ର, ଜଗନ୍ନାଥ ବଲ୍ଲଭ, ପୂର୍ବାହ୍ନ ୧୧ଟା ୩୦।
- ବେୟାର ଫୁଟ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସରେ ସଚେତନତା କାର୍ଯ୍ୟକ୍ରମ, ନୀଳାଦ୍ରି ବିଚ୍, ଅପରାହ୍ନ ୪ଟା।

# ତଳିଆଙ୍କୁ ଦୋଷ ଦେଇ ଖସିଲେ ଅଧିକାରୀ

**ହାତୀ କଙ୍କାଳ ଉଦ୍ଧାର ଘଟଣା**

**ଜଣେ ଫରେଷ୍ଟର, ଫରେଷ୍ଟ ଗାର୍ଡ ନିଲମ୍ବିତ**

ଭୁବନେଶ୍ୱର, ୪।୬(ବ୍ୟୁରୋ)

ଆଠଗଡ଼ ବନଖଣ୍ଡ ଅଞ୍ଚଳରୁ ବାରମ୍ବାର ହାତୀ କଙ୍କାଳ ମିଳୁଛି। ଏଠାରେ ହାତୀ ଭଳି ବୃହତ୍ ଜୀବ ବିପଦରେ ଥିବାବେଳେ ଅନ୍ୟ ବନ୍ୟପ୍ରାଣୀଙ୍କ ସ୍ଥିତି ଏଥିରୁ ହିଁ ସ୍ପଷ୍ଟ ହେଉଛି। ସେପରି ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଶିକାର, ଚୋରା ଚାଲାଣ ପ୍ରାୟତଃ ନିତିଦିନିଆ ଘଟଣା ହୋଇଯାଇଛି। ଏବେ ବଡ଼ମ୍ବା ରେଞ୍ଜରେ ଗତ ଦୁଇଦିନରେ ପୃଥକ ସ୍ଥାନରେ ପୋତା ହୋଇଥିବା ଦୁଇଟି ହାତୀ କଙ୍କାଳ ଉଦ୍ଧାର ଘଟଣାରେ ମଧ୍ୟ ଚିରାଚରିତ ଢଙ୍ଗରେ ପଦକ୍ଷେପ ନିଆଯାଇଛି। ଦୁଇ ତଳିଆ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିବାବେଳେ ଉପରିସ୍ଥ ଅଧିକାରୀଙ୍କୁ ସୁରକ୍ଷା ଦିଆଯାଇଛି। ନିଲମ୍ବିତ କର୍ମଚାରୀ ଦ୍ୱୟ ହେଲେ ବଡ଼ମ୍ବା ସେକ୍ସନ ଫରେଷ୍ଟର ପ୍ରଦୀପ ପରିଡ଼ା ଓ ବିଟ୍ ଫରେଷ୍ଟ ଗାର୍ଡ ତନ୍ମୟ ବେହେରା। ଏମାନଙ୍କ ଉପରେ ସବୁ ଦୋଷ ଥୋଇ ଉପରିସ୍ଥ ଅଧିକାରୀମାନେ ଖସି ଯିବାକୁ ଉଦ୍ୟମ କରିଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି। ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଓ ଆନିମଲ ୱେଲଫେୟାର ଟ୍ରଷ୍ଟ ଏକାମ୍ରର ମୁଖ୍ୟ ପୁରବୀ ପାତ୍ର ଏହି ଘଟଣା ପାଇଁ ଆଠଗଡ଼ ଡିଏଫ୍ଓ ଓ ରେଞ୍ଜରଙ୍କୁ ଦାୟୀ କରି ଆସୁଛନ୍ତି। ସେମାନଙ୍କ କାର୍ଯ୍ୟଧାରା ସମ୍ପର୍କରେ ମଧ୍ୟ ପୂରବୀ ବନ୍ୟପ୍ରାଣୀ ପିସିସିଏଫ୍ଙ୍କୁ ଅବଗତ କରାଇଛନ୍ତି। ପୂର୍ବଭଳି କେବଳ ତଳିଆ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବଦଳରେ ଡିଏଫ୍ଓ ଏବଂ ରେଞ୍ଜରଙ୍କୁ ନିଲମ୍ବିତ କରାଯାଉ ବୋଲି ଦାବି କରିଛନ୍ତି। ଶୁକ୍ରବାର ଖୋଦ୍ ଅନୁଗୋଳ ଆର୍ସିସିଏଫ୍ ଏମ୍. ଯୋଗଜୟାନନ୍ଦ ହାତୀ କଙ୍କାଳ ମିଳିଥିବା ଉଭୟ ଖୋରାଡ଼ ଓ ଜେନାପାଳ ଗାଁର ଉଭୟ ସ୍ଥାନକୁ ଯାଇ ସରଜମିନ



ତଦନ୍ତ କରିଥିଲେ। ଏହି ଦୁଇ ଘଟଣାକୁ ସେ ଅତ୍ୟନ୍ତ ଗୁରୁତର ଭାବରେ ଗ୍ରହଣ କରି ନିଜର ଏକ କେନ୍ଦ୍ରୀୟ ଟ୍ରେନିଂ କାର୍ଯ୍ୟକ୍ରମକୁ ବାତିଲ କରିଦେଇଛନ୍ତି। ଏଥିସହ ସନ୍ଦେହ ଘେରରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଠଗଡ଼ ଡିଭିଜନ ଅଫିସକୁ ଡାକି ଘନଘନ ଜେରା ଚାଲିଛି। ସେ କହିଛନ୍ତି, ଆମେ ବଡ଼ମ୍ବା ସେକ୍ସନ ଫରେଷ୍ଟର ପ୍ରଦୀପ ପରିଡ଼ା ଓ ବିଟ୍ ଗାର୍ଡଙ୍କୁ ନିଲମ୍ବନ କରିଛୁ। ଏବେ ତଦନ୍ତ ଚାଲିଛି। ଯିଏ ବି ସମ୍ପୃକ୍ତ ଥିବ, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

ସୂଚନାଯୋଗ୍ୟ, ବଡ଼ମ୍ବା ରେଞ୍ଜର ସୁରେଶ କୁମାର ଷଡ଼ଙ୍ଗୀ ୨୦୧୧ରେ ନରସିଂହପୁର ପୂର୍ବ ରେଞ୍ଜ ଅଧୀନ ରଣସିଂହପୁର ସେକ୍ସନରେ ଫରେଷ୍ଟର ଥିବାବେଳେ ଏକ ମାଈ ହାତୀର ମୃତଦେହକୁ ବ୍ୟବଚ୍ଛେଦ ନ କରି, ଉଚ୍ଚ ଅଧିକାରୀଙ୍କୁ ରିପୋର୍ଟ ନ କରି, ପେଟ୍ରୋଲ ପକେଇ ଜାଳି ଦେଇଥିଲେ। ତେବେ ପୋଡିବା ପୂର୍ବରୁ ତତ୍କାଳୀନ ଅନୁଗୋଳ ଆର୍ସିସିଏଫ୍ ଏବଂ ଆଠଗଡ଼ ଡିଏଫ୍ଓ ଚଢ଼ାଉ କରି ତାଙ୍କୁ ଗିରଫ କରି ଜେଲ ପଠାଇଥିଲେ। ଜାମିନରେ ଆସିବା ପରେ ଅନେକ ଦିନ ନିଲମ୍ବନରେ ରହି ଚାକିରିରେ ପୁଣି ଯୋଗଦେଲେ। ପରବର୍ତ୍ତୀ ସମୟରେ ସୁରେଶ ଖୁଣ୍ଟୁଣି ବନାଞ୍ଚଳର କୃଷ୍ଣପୁର ସେକ୍ସନରେ ଫରେଷ୍ଟର ଥିବାବେଳେ ପ୍ଲାଣ୍ଟେଶନ କାର୍ଯ୍ୟରେ ଦୁର୍ନୀତି କରି ପୁଣିଥରେ ନିଲମ୍ବିତ ହୋଇଥିଲେ। ଏଭଳି ଜଣେ କର୍ମଚାରୀଙ୍କୁ ବଡ଼ମ୍ବା ଭଳି ହାତୀପ୍ରବଣ ଅଞ୍ଚଳରେ କିଏ ଓ କେମିତି ନିଯୁକ୍ତି ଦେଲା ତାହାର ତଦନ୍ତ ହେବା ଜରୁରୀ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଦାବି କରିଛନ୍ତି। ହାତୀ କଙ୍କାଳ ଉଦ୍ଧାର ଘଟଣାକୁ ୪୮ ଘଣ୍ଟା ବିତିବା ପରେ ବି ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଘଟଣା ବନ ବିଭାଗର ନିଷ୍କ୍ରିୟତାକୁ ପଦାରେ ପକାଇଛି।



ନାଟ୍ୟାନୁଷ୍ଠାନ ଉତ୍ତର ପୁରୁଷ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଶନିବାର ସନ୍ଧ୍ୟାରେ ପରିବେଷିତ ନାଟକ 'ନାରୀର କଙ୍କାଳ'ର ଏକ ଦୃଶ୍ୟ।

# ୬ରୁ ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ

ଭୁବନେଶ୍ୱର,୪।୬(ବ୍ୟୁରୋ)

ଆସନ୍ତା ୬ ତାରିଖରୁ ଭୁବନେଶ୍ୱର ଏକାମ୍ର ହାଟଠାରେ ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଆରମ୍ଭ ହେବ। ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ଅଧୀନ ହସ୍ତଶିଳ୍ପ ବିଭାଗର ବିକାଶ ଆୟୁକ୍ତଙ୍କ ସହାୟତା ଏବଂ ଅନୁଗୋଳ ଡିଷ୍ଟ୍ରିକ୍ଟ ଅର୍ଗାନାଇଜେଶନ ଅଫ୍ ଭଲ୍ୟୁଣ୍ଟିୟର୍ସ ଆଣ୍ଡ ଏସ୍କର୍ଟସ (ଡୋଭ) ଦ୍ୱାରା ଏହା ୧୫ ତାରିଖ ଯାଏ ଚାଲିବ ବୋଲି ଡୋଭ୍ର ସମ୍ପାଦନ ଅନିଲ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏନେଇ ଶନିବାର ଡ. ସତ୍ୟନାରାୟଣ ସିଂହ ସାମନ୍ତଙ୍କ ସଭାପତିତ୍ୱରେ ଏକ ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଦର୍ଶନୀରେ କର୍ଣ୍ଣାଟକର କାଠକାମ, ମୁରଦାବାଦ୍ର ପିତ୍ତଳ କାମ, ପଶ୍ଚିମବଙ୍ଗର ଶୁଖିଲା ଫୁଲ, ଶିଙ୍ଘ, ଶୀତଳ ପଟି, ରାଜସ୍ଥାନର ଟାଏ ଓ ଡାଏ ଜୁଏଲେରୀ, ପଞ୍ଜାବର ଜୋତାକାମ, ଲକ୍ଷ୍ନୌର ଚିକନ ଏମ୍ବ୍ରୋଡରି, ଓଡ଼ିଶା ବଲାଙ୍ଗୀରର କାର୍ପେଟ୍, ବାଲେଶ୍ୱର ଓ ଭଦ୍ରକର ଧାନରେ ପ୍ରସ୍ତୁତ କାରୁକାର୍ଯ୍ୟ, ବରଗଡ଼ ଓ ସୋନପୁରର ଶାଢି, ଢେଙ୍କାନାଳର ବାଉଁଶ ଓ ଢୋକ୍ରା, କଳାହାଣ୍ଡି ଓ କନ୍ଧମାଳର କାଠ ତିଆରି ଆକର୍ଷଣୀୟ ଜିନିଷ ସ୍ଥାନ ପାଇବ। ହସ୍ତଶିଳ୍ପୀଙ୍କ ପ୍ରଚାରପ୍ରସାର ପାଇଁ ଏହି ପ୍ରଦର୍ଶନୀ ଆୟୋଜିତ କରାଯାଉଥିବା ସମ୍ପାଦକ ମିଶ୍ର କହିଛନ୍ତି।

# ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

**କଟକ ଅଫିସ, ୪।୬:** କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ସ୍ଥାନୀୟ କଲେଜ ଛକ ନିକଟରୁ ଏକ ଗଞ୍ଜେଇ ଭର୍ତ୍ତି କାରକୁ ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ଶନିବାର ଜବତ କରିଛି। ଉକ୍ତ ଗାଡ଼ିରୁ ୬ଟି ଜରି ବସ୍ତାରେ ଥିବା ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ପଶ୍ଚିମବଙ୍ଗ ମୁର୍ସିଦାବାଦର ଲଲନ୍ ସେକ୍(୨୧) ଓ ରଜିବୁଲ୍ ସେକ୍(୨୩)। ଜବତ ଗଞ୍ଜେଇର ମୂଲ୍ୟ ୭ ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ସ୍କ୍ୱାଡ୍ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ମୁତାବକ, ଉକ୍ତ ଗାଡ଼ିରେ କନ୍ଧମାଳରୁ କଲିକତାକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ କମିଶନର ଆଶିଷ କୁମାର ସିଂ ଖବର ପାଇଥିଲେ। ତାଙ୍କ ନିର୍ଦ୍ଦେଶରେ ଅବକାରୀ ଅଧିକ୍ଷକ ଦେବାଶିଷ ପଟେଲଙ୍କ ନେତୃତ୍ୱରେ ଏକ ଟିମ୍ ୧୬ ନଂ. ଜାତୀୟ ରାଜପଥର ଟାଙ୍ଗୀଠାରେ ଜଗି ରହିଥିଲା। ପୂର୍ବାହ୍ନ ୧୧ଟାରେ ଗାଡ଼ିଟି ସେଠାରେ ପହଞ୍ଚିବା ପରେ ଅବକାରୀ ଟିମ୍ ଯାଞ୍ଚ କରିଥିଲା। ଫଳରେ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ଏହି ଚଢାଉରେ ଆଇଆଇସି ସରୋଜ କୁମାର ପରିଡ଼ା, ଇନ୍ସପେକ୍ଟର ଉମାକାନ୍ତ ସ୍ୱାଇଁ, ଏସ୍ଆଇ ସଚିନ ବେହେରା, ଏଏସ୍ଆଇ ସକିଲ ଉଲ୍ଲା ପ୍ରମୁଖ ସାମିଲ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଦିବ୍ୟଜ୍ୟୋତି



@ ଶୁଭେନ୍ଦ୍ର



@ ତୁଷାର



@ ସନ୍ତୋଷ



@ ସୋମନାଥ



@ ପୀୟୂଷ

# ଚାକିରି ନାଁରେ ଲୁଟୁଥିଲେ, ଧରିଲା ଇଓଡବ୍ଲ୍ୟୁ

**୩ ମୋବାଇଲ, ବ୍ୟାଙ୍କ୍ ପାସବୁକ୍, ନକଲି ନିଯୁକ୍ତି ପତ୍ର ଜବତ**

ଭୁବନେଶ୍ୱର, ୪।୬(ବ୍ୟୁରୋ)

ଏନ୍ଟିପିସି, ନାଲ୍କୋ, ସିମ୍ପ୍ଲେକ୍ସ, ଟାଟା ଆଦି କମ୍ପାନୀରେ ଚାକିରି କରାଇ ଦେବାକୁ କହି ୫୦ରୁ ଊର୍ଦ୍ଧ୍ୱ ଆଶାୟୀଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଠକେଇ କରିଥିବା ଯୁବକ ଶେଷରେ ଧରାପଡିଛନ୍ତି। କ୍ରାଇମବ୍ରାଞ୍ଚର ଅର୍ଥ ନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତାଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ଢେଙ୍କାନାଳର ଦିଲୀପ କୁମାର ବେହେରା(୩୮)। ତାଙ୍କଠାରୁ ୩ ମୋବାଇଲ ଫୋନ, ବିଭିନ୍ନ ବ୍ୟାଙ୍କର ପାସ୍ବୁକ, ନିଯୁକ୍ତି ପତ୍ର ଆଦି ଜବତ କରାଯାଇଛି। ଏନେଇ ସାଇବର ଥାନାରେ ବିଭିନ୍ନ ଦଫାରେ ମାମଲା (ନଂ ୨୧/୨୨) ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ତଦନ୍ତରୁ ଜଣାପଡିଛି ଯେ, ଅଭିଯୁକ୍ତ ଦିଲୀପ ଆଶାୟୀଙ୍କଠାରୁ ରେଜିଷ୍ଟ୍ରେଶନ ଫି ବାବଦକୁ ୩୨୦୦ ଟଙ୍କା ଓ ଚାକିରିରେ ଯୋଗଦେବାକୁ କହି କାହାଠାରୁ ୨୦ ହଜାର ତ ପୁଣି ଆଉ କାହାଠୁ ୬୦ ହଜାର ଟଙ୍କା ନେଉଥିଲେ। ବିଶ୍ୱାସ ଜନ୍ମାଇବା ପାଇଁ ବିଭିନ୍ନ ନମ୍ବରରୁ କମ୍ପାନୀ ଅଧିକାରୀ ଓ କର୍ମଚାରୀ ଭାବେ ପରିଚୟ ଦେଇ ଚାକିରି ବିଷୟରେ କଥା ହେଉଥିଲେ। ଅନେକ ସମୟରେ ସ୍ୱର ଓ ପରିଚୟ ବଦଳାଉଥିଲେ। କେତେବେଳେ କମ୍ପାନୀର ଆଡ୍ମିନିଷ୍ଟ୍ରେଟିଭ ମୁଖ୍ୟ ତ ପୁଣି କେତେବେଳେ ଏଚ୍ଆର୍ଙ୍କ ସହ କଥା ହୁଅନ୍ତୁ କହି ନିଜେ ସ୍ୱର ବଦଳାଇ କଥା ହେଉଥିଲେ। ଏଭଳି ଠକେଇର ଶିକାର ହୋଇଥିଲେ ଶାନ୍ତନୁ ଷଡ଼ଙ୍ଗୀ। ସେ ବାହାର ରାଜ୍ୟରେ ଏକ କମ୍ପାନୀରେ ଚାକିରି କରିଥିଲେ। କରୋନା ମହାମାରୀ ସମୟରେ ଲକ୍ଡାଉନ ହେବା ଯୋଗୁ ଚାକିରି ହରାଇ ଓଡ଼ିଶା ଚାଲି ଆସିଥିଲେ। ଏହି ସମୟରେ ସିଏସ୍ଆର୍ ନିର୍ଦ୍ଦେଶକ ପଦବୀ ଲାଗି ବିଜ୍ଞାପନ ଦେଖି ଦିଆଯାଇଥିବା ମେଲ ଆଇଡିରେ ନିଜର ବାୟୋଡାଟା ପଠାଇବା ସହ ଫୋନ ନମ୍ବରରେ ଯୋଗାଯୋଗ କରିଥିଲେ। ଉକ୍ତ ନମ୍ବରଟି ଅଭିଯୁକ୍ତ ଦିଲୀପଙ୍କର ଥିଲା। ସେ ଶାନ୍ତନୁଙ୍କୁ ଚାକିରି ପ୍ରତିଶ୍ରୁତି ଦେଇ ରେଜିଷ୍ଟ୍ରେଶନ ବାବଦକୁ ୩୨୦୦ ଟଙ୍କା ତାଙ୍କ ଆକାଉଣ୍ଟରେ ଡିପୋଜିଟ କରିବାକୁ କହିଥିଲେ। ଉକ୍ତ ଟଙ୍କା ପାଇବାର କିଛିଦିନ ପରେ ଦିଲୀପ ୪୫ ହଜାର ଟଙ୍କା ଦରମାରେ ନିଯୁକ୍ତି ହୋଇଥିବା ଦର୍ଶାଇ ଶାନ୍ତନୁଙ୍କ ପାଖକୁ ଏକ ପ୍ରୋଭିଜନାଲ ନିଯୁକ୍ତପତ୍ର ପଠାଇଥିଲେ। ହେଲେ ଦିନ ପରେ ଦିନ ଗଡ଼ିଥିଲେ ମଧ୍ୟ ଚାକିରି ହୋଇ ନ ଥିଲା। ସନ୍ଦେହ ହେବାରୁ ଶାନ୍ତନୁ ଖୋଳତାଡ଼ ପରେ ଦିଲୀପ ଜଣେ ଅଣ୍ଡର ଗ୍ରାଜୁଏଟ୍ ଠକ ଓ ସେ ତାଙ୍କ ଭଳି ଅନେକ ଆଶାୟୀଙ୍କୁ ଠକିଛନ୍ତି। ନିଜେ ମଧ୍ୟ ଠକେଇର ଶିକାର ହୋଇଥିବା ଜାଣିବା ପରେ ଶାନ୍ତନୁ ସାଇବର ଥାନାରେ ଅଭିଯୋଗ କରିଥିଲେ।

# ବିଦ୍ୟୁତ୍ ଆଘାତରେ ପାଇପ୍ ମିସ୍ତ୍ରି ମୃତ

ପିପିଲି,୪।୬(ସ୍ୱ.ପ୍ର)

ପିପିଲି ଜଗନ୍ନାଥପୁର ପଞ୍ଚାୟତ ଲୋହପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ କାମ କାମ ଚାଲିଥିବାବେଳେ ବିଦ୍ୟୁତ୍ ଆଘାତରେ ପାଇପ ମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ କୃଷ୍ଣପୁର ଗ୍ରାମର ଗିରିଧାରୀ ସାହୁ (୪୨)। ଏନେଇ ତାଙ୍କ ପରିବାର ପକ୍ଷରୁ ପିପିଲି ଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଚଳାଇଥିବାବେଳେ ଶନିବାର ଅପରାହ୍ନରେ ଗ୍ରାମବାସୀ ଗିରିଧାରୀଙ୍କ ମୃତଦେହ ରଖି କ୍ଷତିପୂରଣ ଦାବି କରିଥିଲେ। ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀଧର ନାୟକ ଏବଂ ୨୪ ନଂ ଜୋନ ଜିଲା ପରିଷଦ ସୁଶାନ୍ତ ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ଘର ମାଲିକ ଆର୍ଥିକ ସହାୟତା କରିବାକୁ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଶାନ୍ତ ପଡିଥିଲା।

ସୂଚନା ମୁତାବକ, ଶୁକ୍ରବାର ସକାଳେ ଗିରିଧାରୀ ରଘୁନାଥ ମଲ୍ଲିକଙ୍କ ଘରକୁ ପାଇପ କାମ କରିବାକୁ ଯାଇଥିଲେ। ସେଠାରେ ପାଣି ପାଇପ ଯିବା ପାଇଁ କାନ୍ଥ ଖୋଳୁ ଥିବାବେଳେ କାନ୍ଥ ଭିତରେ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ନିସ୍ତେଜ ହୋଇଯାଇଥିଲେ। ରଘୁନାଥଙ୍କ ପରିବାର ଲୋକେ ତାଙ୍କୁ ପିପିଲି ମେଡିକାଲକୁ ନେଇଯାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଗିରିଧାରୀଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ ହୋଇ ତାଙ୍କ ଗ୍ରାମକୁ ଆସିଥିବାବେଳେ ସେଠାରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା।



ନିର୍ଝରା କଲ୍ଚରାଲ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନଠାରେ ଶନିବାର ଅନୁଷ୍ଠିତ ନୃତ୍ୟ ଉତ୍ସବ 'ନିଦାଘ'ରେ ଅନୁଷ୍ଠାନର ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।



ଭୁବନେଶ୍ୱରସ୍ଥିତ ମଞ୍ଚେଶ୍ୱର ରେଳଡ଼ବା କାରଖାନା ଖେଳ ପଡ଼ିଆରେ ଶନିବାର ଅନୁଷ୍ଠିତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପୂର୍ବ ଓ ପଶ୍ଚିମ ପ୍ରାନ୍ତର ସମାରୋହ କାର୍ଯ୍ୟକ୍ରମରେ ଭାଗ ନେଇଥିବା ସଂଘ କର୍ମକର୍ତ୍ତାମାନେ।

# ଚିଲିକାରୁ ଘେରି ଉଚ୍ଛେଦକୁ ବିରୋଧ


ଘେରି ଉଚ୍ଛେଦକୁ ବିରୋଧ କରି ଅନୁଷ୍ଠିତ ବୈଠକରେ ପେସାଦାର ମତ୍ସ୍ୟଜୀବୀ ସଂଘ ସଦସ୍ୟମାନେ।

କୃଷ୍ଣପ୍ରସାଦ,୪।୬(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକକୁ ଗୋଟିଏ ପାର୍ଶ୍ୱରେ ବଙ୍ଗୋପସାଗର ଏବଂ ଆଉ ତିନିପାର୍ଶ୍ୱରୁ ଲୁଣା ହ୍ରଦ ଘେରି ରହିଛି। ପାଣିଘେରରେ ରହିଥିବା ୧୪୭ ଗ୍ରାମର ବହୁ ଲୋକ ଚିଲିକା ଉପରେ ନିର୍ଭର କରିଥାନ୍ତି। ଚିଲିକାରୁ ମାଛ, ଚିଙ୍ଗୁଡ଼ି ଧରି ଅଧିବାସୀମାନେ ଜୀବିକା ନିର୍ବାହ କରିଥାନ୍ତି। ତେବେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ଚିଲିକାରୁ ଘେରି ଉଚ୍ଛେଦ କାର୍ଯ୍ୟ ଚାଲିଛି। ଏହାକୁ ପେସାଦାର ମତ୍ସ୍ୟଜୀବୀ ମହାସଂଘ ବିରୋଧ କରିଛି। ଶିକ୍ଷାବିତ୍ କେଳୁଚରଣ ଜେନାଙ୍କ ସଭାପତିତ୍ୱରେ ଶନିବାର ଦେଉଳପଡ଼ା ପଣାଯାତ୍ରା ପଡ଼ିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମହାସଂଘ ଉପସଭାପତି ଦାମୋଦର ଜେନା, ସମ୍ପାଦକ କବିରାଜ ମାଝି, ୩୫ ମୌଜା ପରିଚାଳନା କମିଟି ସଭାପତି ଦାମୋଦର ବିଶ୍ୱାଳ, ସମ୍ପାଦକ ବଟକୃଷ୍ଣ ତରେଇ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ଯୁବ ବିଜେଡି ନେତା ହେମନ୍ତ କୁମାର ଜେନା, ସୁରେନ୍ଦ୍ର ନାଥ ମାଝି, ଦୀନବନ୍ଧୁ ଜେନା, ସତ୍ୟପ୍ରିୟ ଜେନା, ଗୋଲଖ ବିହାରୀ ପ୍ରଧାନ, ମନୋଜ ସାହୁ, ବ୍ରଜକିଶୋର ଜେନା, ଶରତ ଚନ୍ଦ୍ର ଜେନା ପ୍ରମୁଖଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ୮୩ଟି ଗ୍ରାମର ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ। କୌଳିକ ବୃତ୍ତିକୁ ହାତଛଡ଼ା ନ କରିବା ପାଇଁ ସଂଗ୍ରାମ ଆବଶ୍ୟକ ବୋଲି ସଭାରେ ନିଷ୍ପତ୍ତି ହୋଇଥିଲା। ପ୍ରଶାସନ ପକ୍ଷରୁ ଚିଲିକାରୁ ଘେରି ଉଚ୍ଛେଦ କରାଗଲେ ବିରୋଧ କରାଯିବ ବୋଲି ସଭାରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

# ଓଏମ୍‌ସିକୁ 'ଜାତୀୟ ଗୋଲ୍‌ଡେନ ପିକକ୍ ପୁରସ୍କାର'

ନୂଆଦିଲ୍ଲୀ,୪।୬

ଦେଶର ଅନ୍ୟତମ ବୃହତ୍ ତଥା ଅଗ୍ରଣୀ ଖଣିଜ ଉତ୍ପାଦନକାରୀ ସଂସ୍ଥା ଓଡ଼ିଶା ମାଇନିଂ କର୍ପୋରେଶନ (ଓଏମ୍‌ସି)କୁ ଏହାର କର୍ପୋରେଟ ସାମାଜିକ ଦାୟିତ୍ୱ ବା ସିଏସ୍‌ଆର୍ କାର୍ଯ୍ୟକ୍ରମ ପାଇଁ ସମ୍ମାନଜନକ 'ଗୋଲ୍‌ଡେନ ପିକକ୍ ଆୱାର୍ଡ' ପୁରସ୍କାରର ଜାତୀୟ ବିଜେତା ଭାବରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀରେ ଶୁକ୍ରବାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡାଇରେକ୍ଟର୍ସ ଦ୍ୱାରା ଆୟୋଜିତ କର୍ପୋରେଟ ସାମାଜିକ ଦାୟିତ୍ୱ ସମ୍ବନ୍ଧୀୟ ୧୬ତମ ଅନ୍ତର୍ଜାତୀୟ ସମ୍ମିଳନୀରେ ଓଏମ୍‌ସିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଓଏମ୍‌ସି ପରିଚାଳିତ ବିଭିନ୍ନ ଖଣି ତଥା ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ବିକାଶ ଲାଗି ନିରନ୍ତର ପ୍ରୟାସ କରୁଥିବା ଯୋଗୁ ସଂସ୍ଥାକୁ ଏହି ଜାତୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଏମ୍‌ସି ପକ୍ଷରୁ ନିର୍ଦ୍ଦେଶକ (କାର୍ମିକ) ଆଲୋକ କୁମାର ପାଲ ଏବଂ ସିଏସଆର୍ ମୁଖ୍ୟ ତଲତ ଆଫ୍ରିନ ଯୋଗଦେଇ ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ମିଳିବା ପରେ ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂହ ଖୁସି ବ୍ୟକ୍ତ କରିବା ସହ କହିଛନ୍ତି, ଏହାର ପାରିପାର୍ଶ୍ୱିକ ଅଞ୍ଚଳରେ ରହୁଥିବା ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଉପରେ ଓଏମ୍‌ସି ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି। ସମାଜର ଏକ ବୃହତ୍ ବର୍ଗଙ୍କ ଜୀବନଧାରଣ ମାନର ଉନ୍ନତି ପାଇଁ ଓଏମ୍‌ସି ସବୁବେଳେ ଚିନ୍ତା କରିବା ସହ ଉଚିତ ପଦକ୍ଷେପ ନେଉଛି। ଏହାଛଡ଼ା ସମଗ୍ର ରାଜ୍ୟରେ ସ୍ୱାସ୍ଥ୍ୟସେବା, ଶିକ୍ଷା, କ୍ରୀଡ଼ା, ପାନୀୟ ଜଳ, ପରିମଳ, ଦକ୍ଷତା ବିକାଶ, ଐତିହ୍ୟର ସଂରକ୍ଷଣ, କଳା ଏବଂ ହସ୍ତଶିଳ୍ପ ପ୍ରୋତ୍ସାହନ ଏବଂ ବିପର୍ଯ୍ୟୟ ପରିଚାଳନା ଆଦି କ୍ଷେତ୍ରର ବିକାଶ ଲାଗି ମଧ୍ୟ ଓଏମ୍‌ସି ବିଶେଷ ଗୁରୁତ୍ୱ ଦେଇ ଆସୁଥିବା ସେ କହିଛନ୍ତି।

# ଦେବ ଦମ୍ପତିଙ୍କ ବିବାହ

**ଗୋଟିଏ ଦିନରେ ଶ୍ରୀଲିଙ୍ଗରାଜଙ୍କ ମଙ୍ଗଳ ଓ ବିବାହ**

ପୁରୁଣା ଭୁବନେଶ୍ୱର,୪।୬(ଡି.ଏନ୍.ଏ.)

ବହୁ କଳ୍ପନାଜଳ୍ପନାର ଅନ୍ତ ଘଟିଲା। ଶୀତଳଷଷ୍ଠୀର ଅବ୍ୟବହିତ ପୂର୍ବରୁ ପ୍ରଭୁ ଶ୍ରୀଲିଙ୍ଗରାଜ ଏବଂ ମା'ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଛି। ଶନିବାର ବିଳମ୍ବିତ ରାତିରେ ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ କେଦାରଗୌରୀ ମନ୍ଦିରରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ସମଗ୍ର ଏକାମ୍ର କ୍ଷେତ୍ର ଚଳଚଞ୍ଚଳ ହୋଇପଡ଼ିଥିଲା।

ପୂଜାପଣ୍ଡା ଏବଂ ବ୍ରାହ୍ମଣ ନିଯୋଗର କୁମାର ସ୍ୱାଇଁ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟରେ ଅସନ୍ତୋଷ ପୂଜାପଣ୍ଡା ଏବଂ ବ୍ରାହ୍ମଣ ନିଯୋଗ ସେବାୟତଙ୍କୁ ଡକାଇ ଆଲୋଚନା କରିଥିଲେ। ଆସନ୍ତା ୧୭ ତାରିଖରେ ନିଯୋଗ ସେବାୟତଙ୍କ ସମସ୍ୟା ସମାଧାନ ପୂର୍ବକ ଆଲୋଚନା କରାଯିବା ନେଇ ସେବାୟତଙ୍କୁ ମନାଇଥିଲେ। ବୈଠକରେ ମନ୍ଦିର ବୋର୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭବାନୀ ପ୍ରସାଦ ମିଶ୍ର ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ନୀତି କାର୍ଯ୍ୟ ଆରମ୍ଭ ହୋଇଥିଲା। ରାତି ୯ଟା ୫ରେ





କେଦାରଗୌରୀ ମନ୍ଦିର ପରିସରରେ ପ୍ରସ୍ତୁତ ବିବାହବେଦି।

ଅସହଯୋଗ ଯୋଗୁ ଶୁକ୍ରବାର ଶ୍ରୀଲିଙ୍ଗରାଜଙ୍କ ମଙ୍ଗଳକୃତ୍ୟ ହୋଇପାରି ନ ଥିଲା। ଶନିବାର ମଧ୍ୟ ଠାକୁରଙ୍କ ନୀତି ସନ୍ଧ୍ୟା ୭ଟା ସୁଦ୍ଧା ବନ୍ଦ ରହିବାରୁ ଶ୍ରୀଲିଙ୍ଗରାଜଙ୍କ ବିବାହ ଉତ୍ସବ ଓ ଶୀତଳ ଷଷ୍ଠୀ ପରମ୍ପରା ଭଙ୍ଗ ନେଇ ଆଶଙ୍କା ଦେଖାଦେଇଥିଲା। ତେବେ ରାତି ୮ଟା ୩୦ରେ ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ ମାଘସ୍ନାନ ଦିଆଯାଇ ମଙ୍ଗଳଆଳତି, ଅବକାଶ, ରୋଷହୋମ, ଛାମୁ ପରିଷ୍କାର, ମହାସ୍ନାନ, ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଖଇହହି ବଲ୍ଲଭ, ଠାକୁରାଣୀ ଖଇଦହି ବଲ୍ଲଭ, ସକାଳ ଧୂପ ପରେ ରାତି ୧୧ଟା ୪୫ରେ ଭୋଗ ମଣ୍ଡପ ନୀତି ଅନୁଷ୍ଠିତ ହୋଇଥିଲା। ପରେ ବୀରକିଶୋରୀ ବଲ୍ଲଭ, ଦ୍ୱିପ୍ରହର ଧୂପ, ଠାକୁରାଣୀ ଦ୍ୱିପ୍ରହର ଧୂପ କରାଯାଇଥିଲା। ରୋଷରେ ତିଆରି ହୋଇଥିବା ଅନ୍ନକୁ ମନ୍ଦିର ବେଢ଼ାରେ ଥିବା ଦେବଦେବୀଙ୍କୁ ପାଳିଆ ପୂଜାପଣ୍ଡା ସେବାୟତ ଭୋଗ ଅର୍ପଣ କରି ଦଅଁଙ୍କୁ ବିବାହରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଥିଲେ। ଏହା ପରେ ଟେରା ଫିଟା ସନ୍ଧ୍ୟା ଧୂପରେ ୮ଟି ଖେଚୁଡ଼ି ହାଣ୍ଡି ଶ୍ରୀଜୀଉଙ୍କୁ ଭୋଗ ନୈବେଦ୍ୟ ହୋଇଥିଲା। ଠାକୁରାଣ ଧୂପ କରାଯିବା ପରେ ପୂଜାପଣ୍ଡା, ପତ୍ରୀ, ପାଳିଆବଡ଼ୁ, ସୁପରଭାଇଜର, ଘଣ୍ଟ, କାହାଳି, ମଶାଲ, ବାଜା, ରୋଷଣି ସହ ଉକ୍ତ ୮ଟି ଖେଚୁଡ଼ି ହାଣ୍ଡିକୁ ଅଷ୍ଟଚଣ୍ଡୀଙ୍କୁ ସମର୍ପଣ କରାଯାଇଥିଲା। ଏହିକ୍ରମରେ ମଙ୍ଗଳକୃତ୍ୟରେ ଶିବ, ପାର୍ବତୀଙ୍କ ବିବାହ କାର୍ଯ୍ୟରେ ଠାକୁରାଣୀମାନେ ଯୋଗଦେବା ପାଇଁ ପାଳିଆ ପୂଜାପଣ୍ଡା ମନ୍ତ୍ର ମାଧ୍ୟମରେ ଜଣାଇଥିଲେ। ବଡ଼ସିଂହାର କରାଯାଇ ମନ୍ଦିର ପହୁଡ଼ ପଡ଼ିଥିଲା। ପରେ ଶ୍ରୀଜୀଉମାନେ ବିମାନ ପାଲିଙ୍କିରେ ଉପବିଷ୍ଟ ହୋଇ ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ କେଦାରଗୌରୀ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ।

## ଘଣ୍ଟ, ବାଦ୍ୟରେ ଦୁଲୁକିଲା

ଭୁବନେଶ୍ୱର, ୪।୬(ବ୍ୟୁରୋ): ଶିବ-ପାର୍ବତୀ ବିବାହ ପାଇଁ ଉତ୍ସବମୁଖର ହୋଇଉଠିଛି ସମଗ୍ର ଲିଙ୍ଗରାଜ ମନ୍ଦିରରୁ କେଦାରଗୌରୀ ମନ୍ଦିର। ଶନିବାର ମଙ୍ଗଳକୃତ୍ୟ ଏବଂ ବିବାହ କାର୍ଯ୍ୟ ଏକାଠି ହେବାକୁ ସ୍ଥିର କରାଯିବାରୁ ନୀତିକାନ୍ତିରେ ବିଳମ୍ବ ହୋଇଥିଲା। ବିଳମ୍ବିତ ରାତିରେ ଘଣ୍ଟ, ବାଜା ରୋଶଣିରେ ମହାପ୍ରଭୁ ଶିବ ଶ୍ୱଶୁରାଳୟ ବାହାରିଥିଲେ। ଏହି ଅବସରରେ ମନ୍ଦିର ସମ୍ମୁଖରେ ବାଡ଼ି ଖେଳଠୁ ଆରମ୍ଭ କରି କୀର୍ତ୍ତନିଆଙ୍କ ସଂକୀର୍ତ୍ତନ, ଘଣ୍ଟ ବାଦ୍ୟରେ ଅଞ୍ଚଳ ଉଛୁଳି ପଡ଼ିଥିଲା।


ମନ୍ଦିର ସମ୍ମୁଖରେ ଘଣ୍ଟୁଆଙ୍କ ଘଣ୍ଟବାଦନ।


ବାଡି ଖେଳରେ ସାମିଲ ଯୁବକ।

# ସଙ୍କଟରେ ପୁରୀ ଉପକୂଳ ଜୈବ ବିବିଧତା

ପୁରୀ ଅଫିସ,୪।୬

ପୁରୀ ଜିଲା ଉପକୂଳବର୍ତ୍ତୀ ଅଞ୍ଚଳ ସବୁ ଜୈବ ବିବିଧତାରେ ପରିପୂର୍ଣ୍ଣ। ବିସ୍ତୀର୍ଣ୍ଣ ସମୁଦ୍ର ଓ ବାଲୁଖଣ୍ଡ ଅଭୟାରଣ୍ୟକୁ ନେଇ ସୃଷ୍ଟି ହୋଇଥିବା ଜୈବ ମଣ୍ଡଳ ପୁରୀର ଜଳବାୟୁକୁ ସନ୍ତୁଳିତ କରି ରଖିଆସିଛି। ମାତ୍ର ସମୟାନୁକ୍ରମେ ଏହି ଜୈବ ବିବିଧତା ବ୍ୟାପକ ଭାବେ ନଷ୍ଟ ହେବାରେ ଲାଗିଛି। ଉପକୂଳବର୍ତ୍ତୀ ଅଞ୍ଚଳରେ କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଜଙ୍ଗଲ କ୍ଷୟ ହେଉଥିବା ହେତୁ ଜୈବ ବିବିଧତା ପ୍ରଭାବିତ ହେଉଛି। ତେବେ ଜୈବ ବିବିଧତା ନଷ୍ଟ ହେବା ପଛରେ ପ୍ରାକୃତିକ ବିପର୍ଯ୍ୟୟଠାରୁ ବଡ଼ କାରଣ ପାଲଟିଛି ମନୁଷ୍ୟକୃତ ଆଚରଣ।





■ଜଙ୍ଗଲ କ୍ଷୟ, ସମୁଦ୍ରରେ ବଢୁଛି ପ୍ଲାଷ୍ଟିକ ଆବର୍ଜନା
■ମିଳୁନି ବିରଳ ସିଫ୍ୟାନ୍ ଓ ସିହୁଇଲ୍ ମାଛ

୨୦୧୦ ମସିହାରେ ବାଲୁଖଣ୍ଡ ଅଭୟାରଣ୍ୟକୁ ଲାଗିଥିବା ସମୁଦ୍ରରେ ବିରଳ ମତ୍ସ୍ୟ ଓ ଅନ୍ୟାନ୍ୟ ଜଳଜୀବଙ୍କ ପେଣ୍ଠସ୍ଥଳୀ ଭାବେ ପରିଚିତ ଥିଲା। ମାତ୍ର ସମ୍ପ୍ରତି ସ୍ଥିତି ଏବେ ସମ୍ପୂର୍ଣ୍ଣ ବଦଳିଯାଇଛି। ପୁରୀ ସମୁଦ୍ର ଏବେ କେବଳ ପ୍ଲାଷ୍ଟିକ ଓ ଆବର୍ଜନାପୂର୍ଣ୍ଣ ହେବାରେ ଲାଗିଛି। ସମୁଦ୍ରରେ ପ୍ଲାଷ୍ଟିକର ମାତ୍ରା ଦିନକୁ ଦିନ ବଢୁଥିବା ମତ୍ସ୍ୟଜୀବୀମାନେ କହୁଛନ୍ତି। ତେଣୁ ପୁରୀ ଉପକୂଳ ଜୈବ ବିବିଧତା ଏବେ ସଙ୍କଟରେ ଥିବାବେଳେ ଜଙ୍ଗଲ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ଓ ଜଙ୍ଗଲ କ୍ଷୟ ରୋକିବା ଦିଗରେ ଉଚିତ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।

ଗତ ୨୦୧୬ରେ କେନ୍ଦ୍ରୀୟ ସାମୁଦ୍ରିକ ମତ୍ସ୍ୟ ଅନୁସନ୍ଧାନ ସଂସ୍ଥାନର ମୁଖ୍ୟ ରୀତା ଜୟଶଙ୍କର ୬ଜଣିଆ ସାମୁଦ୍ରିକ ବିଶେଷଜ୍ଞ ଟିମ୍ ସହାୟତାରେ ପୁରୀ ସମୁଦ୍ରର ୧୭ କିଲୋମିଟର ଭିତରକୁ ଯାଇ ତିନୋଟି ବିରଳ ସାମୁଦ୍ରିକ ମତ୍ସ୍ୟ ଠାବ କରିଥିଲେ। ସିଫ୍ୟାନ୍, ସିହୁଇଲ୍ ଓ ଲିଭ୍ ଷ୍ଟୋନ୍ ଭଳି ମାଛ ବିରଳ ପ୍ରଜାତି ହୋଇଥିବା ବେଳେ ପୁରୀ ସମୁଦ୍ରରେ ଏଭଳି ମତ୍ସ୍ୟ ଦେଖିବାକୁ ମିଳୁଥିବା ମନ୍ତବ୍ୟ ରଖିଥିଲେ। ତେବେ ପାଣିରେ ଅକ୍ସିଜେନ୍‌ର ମାତ୍ରା କମ୍ ରହୁଥିବା ଓ ସମୁଦ୍ର ଜଳ ପ୍ରଦୂଷିତ ହେଉଥିବା କାରଣରୁ ଏମାନଙ୍କ ସଂଖ୍ୟା କମିବାର ସମ୍ଭାବନା ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ମାତ୍ର ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଭଳି ବିରଳ ପ୍ରଜାତିର ମତ୍ସ୍ୟକୁ ବଞ୍ଚାଇ ରଖିବା ପାଇଁ ପ୍ରୟାସ କରାଯାଉ ନାହିଁ। ପୁରୀ ପର୍ଯ୍ୟଟନ ଶିଳ୍ପର କେନ୍ଦ୍ରବିନ୍ଦୁ ହୋଇଥିବା ହେତୁ ପର୍ଯ୍ୟଟକମାନେ ବର୍ଷତମାମ୍ ପୁରୀ ଆସନ୍ତି। ଫଳରେ ଜଳ ପ୍ରଦୂଷଣର ମାତ୍ରା ମଧ୍ୟ ବଢିବାରେ ଲାଗିଛି। ପର୍ଯ୍ୟଟନ ବିଭାଗ ସମୁଦ୍ରକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ଯେଉଁ ପ୍ରୟାସ କରିବା ଆବଶ୍ୟକ, ସେଭଳି କରୁନାହିଁ। ହୋଟେଲଗୁଡ଼ିକ ମଇଳା ପାଣି ଓ ବର୍ଜ୍ୟ ପଦାର୍ଥକୁ ଅନାୟସରେ ସମୁଦ୍ରକୁ ଛାଡୁଛନ୍ତି। କେବଳ ପୁରୀ ସହରର ହାତଗଣତି ସ୍ଥାନକୁ ଛାଡ଼ି ଦେଲେ ବେଳାଭୂମିରେ ସୂଚନାଫଳକ କିମ୍ବା ସଚେତନତା ଫଳକଟିଏ ନାହିଁ। ଫଳରେ ଲୋକେ ସମୁଦ୍ରକୁ ପ୍ଲାଷ୍ଟିକ ଭଳି ପଦାର୍ଥ ଫିଙ୍ଗୁଛନ୍ତି। ମତ୍ସଜୀବୀ ମାଣିକ୍ୟମ୍‌ଙ୍କ କହିଛନ୍ତି, ୧୦କିଲୋମିଟର ସମୁଦ୍ର ଭିତରକୁ ଯିବା ପରେ ମଧ୍ୟ ଯଥେଷ୍ଟ ପରିମାଣର ବିରଳ ମତ୍ସ୍ୟ ମିଳୁନାହାନ୍ତି। ପୁରୀ ସମୁଦ୍ରରେ ଇଲିଶି ମାଛ ମଧ୍ୟ ଏତେ ମାତ୍ରାରେ ନାହିଁ। ଯେଉଁ ସ୍ଥାନରୁ ୧୦ରୁ ୧୫ଟନ୍ ମାଛ ସହଜରେ ମିଳୁଥିଲା ଏବେ ତାହା ୫ରୁ ୭ ଟନ୍‌କୁ ଖସି ଆସିଛି। ସାମୁଦ୍ରିକ ବାୟୋଲୋଜିଷ୍ଟ ପ୍ରଶାନ୍ତ ଧଳ କହିଛନ୍ତି, ସମୁଦ୍ର ଜଳରେ ଅମ୍ଳଜାନର ମାତ୍ରା କମିବାର ବଡ଼ କାରଣ ହେଉଛି ମାତ୍ରାଧିକ ପ୍ରଦୂଷଣ ଓ ଜଙ୍ଗଲ କ୍ଷୟ। ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁ ଜଳଭାଗକୁ ଲାଗି କରିଥିବା ସ୍ଥଳଭାଗରେ କାର୍ବନ ଡାଇଅକ୍ସାଇଡ୍‌ର ମାତ୍ରା ବଢ଼େ। ଫଳରେ ଏହା କ୍ରମଶଃ ଜଳଭାଗକୁ ସ୍ଥାନାନ୍ତର ହୋଇଥାଏ। ତେବେ ଜଳରେ ଅକ୍ସିଜେନ୍‌ର ମାତ୍ରା କମିଲେ, ମାଛ କିମ୍ବା ଜଳଜୀବମାନେ ହଠାତ୍ ନ ମରି ସ୍ଥାନ ପରିବର୍ତ୍ତନ କରିଥାଆନ୍ତି। ଏଣୁ ଅପେକ୍ଷାକୃତ ଭାବେ ଅମ୍ଳଜାନ୍ ବହୁଳ ସ୍ଥାନକୁ ଚାଲିଯାଆନ୍ତି। ସେହିଭଳି ପୁରୀ ସମୁଦ୍ରକୁ ଲାଗିଥିବା ବାଲୁଖଣ୍ଡ ଅଭୟାରଣ୍ୟରେ ଜଙ୍ଗଲ କ୍ଷୟ ସମୁଦ୍ରର ଅମ୍ଳଜାନ୍ ସ୍ତରକୁ କମାଇଥାଇପାରେ ବୋଲି ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି। ଅନ୍ୟପକ୍ଷେ ଜିଲା ଜଙ୍ଗଲ ଅଧିକାରୀ ରାମସ୍ୱାମୀ କହିଛନ୍ତି, ଫନୀରେ ବ୍ୟାପକ ଜଙ୍ଗଲ କ୍ଷୟ ପରେ ଜିଲା ଜଙ୍ଗଲ ବିଭାଗ ପୁଣିଥରେ ଜଙ୍ଗଲ ସୃଷ୍ଟିରେ ଲାଗି ପଡ଼ିଛନ୍ତି। ଫନୀ ପରେ ୩୫୦ ହେକ୍ଟର ଜଙ୍ଗଲ ସୃଷ୍ଟି ପାଇଁ ଉଦ୍ୟମ ହୋଇଛି। ପାଖାପାଖି ୨ ଲକ୍ଷ ୫୦ ହଜାର ଗଛ ଲଗାଯାଇଛି। ଚଳିତବର୍ଷ ୭୭୦ ହେକ୍ଟର ଜମିରେ ପୁନର୍ବାର ଜଙ୍ଗଲ ସୃଷ୍ଟି ପାଇଁ ଉଦ୍ୟମ ଚାଲିଥିବା ଜଙ୍ଗଲ ଅଧିକାରୀ କହିଛନ୍ତି।

**OFFICE OF THE EXECUTIVE ENGINEER
MEGALIFT PROJECTS DIVISION, TITILAGARH**
At/ PO.-Bhatipada, Dist: Balangir-767042, E-Mail ID: eemegalifttig@gmail.com

**Quotation Call Notice No.:- 03/2022-23. Dt.03.06.2022**

**No.A-298:** Sealed Quotation in plain papers are Invited by the Executive Engineer, Megalift Project Division, Titilagarh on behalf of the Governor of Odisha from the registered Firms/ Authorized Dealers/ Distributor/ Manufactures having valid GSTIN Certificate, PAN Card, Service Tax registration for the following work as detailed in the table so as to reach the office of the undersigned on or before dt.10.06.2022 up to 1.30 P.M. (on all working days). The quotation will be opened on the same day i.e. on Dt.10.06.2022 at 3.00 P.M. in presence of the quotationers or their authorized representative of they so desired in the office of the undersigned. If the office happens to be closed on the scheduled date of opening, then the quotation will be opened on the next working day at the same time and venue. The undersigned reserves the right to reject any or all quotations without assigning any reason thereof.

**Name of Work.- "Procurement of Office Furniture for office of the Executive Engineer, Megalift Projects Division, Titilagarh.**

| SL. No. | Particulars of Items | Unit | Quantity (Nos.) | Quoted Rate of Items Including all taxes (In Rs.) | |
|---|---|---|---|---|---|
| | | | | Figure | Words |
| 1 | Executive Table | Nos | 1 | | |
| 2 | Revolving Chair | Nos | 1 | | |
| 3 | Visitor Chair | Nos | 8 | | |
| 4 | Almirah-Godrej | Nos | 1 | | |
| 5 | Side Table | Nos | 1 | | |
| 6 | Computer Table | Nos | 1 | | |
| | | | Total | | |

**Terms &Conditions:-**
1.Period of delivery/ work:- Within 07 (Seven) days.
2.Place of Delivery:- O/o Executive Engineer, Megalift Project Division, Titilagarh.
3.Payment will be made after completion of delivery/ work, submission of bill in duplicate and after verification thereof.
4.GSTIN, PAN Card etc. should be attached with quotations. 5.Taxes as admissible will be deducted from the bill.

**Sd./- Executive Engineer, Megalift Project Division, Titilagarh**

**OFFICE OF THE EXECUTIVE ENGINEER
MEGALIFT PROJECTS DIVISION, TITILAGARH**
At/ PO.-Bhatipada, Dist: Balangir-767042, E-Mail ID: eemegalifttig@gmail.com

**Quotation Call Notice No.;-02/2022-23. Dt.03.06.2022**

Sealed Quotation in plain papers are invited by the Executive Engineer, Megalift Project Division, Tililagarh on behalf of the Governor of Odisha from the registered Firms/ Authorized Dealers/ Distributor/ Manufactures having valid GSTIN Certificate, PAN Card, Service Tax registration for the following work as detailed in the table so as to reach the office of the undersigned on or before dt.10.06.2022 up to 1.30 P.M. (on all working days). The quotation will be opened on the same day i.e. on dt.10.06.2022 at 3.00 P.M. in presence of the quotationers or their authorized representative of they so desired in office of the undersigned. If the office happens to be closed on the scheduled date of opening, then the quotation will be opened on the next working day at the same time & venue.
The undersigned reserves the right to reject any or all quotations without assigning any reason thereof.

**Name of Work:- "Procurement & Installation of Air conditioner, Inverter, Fan & other electrical items for office of the Executive Engineer, Megalift Projects Division, Titilagarh"**

| SL. No. | Particulars of Items | Unit | Quantity (Nos.) | Quoted Rate of Items Including all taxes (In Rs.) | |
|---|---|---|---|---|---|
| | | | | Figure | Words |
| 1 | LG Inverter AC 1.5 Ton | Nos | 02 | | |
| 2 | V-Guard Stabilizer | Nos | 02 | | |
| 3 | UPS-Microtek 1225 | Nos | 01 | | |
| 4 | Exide Battery 150AH | Nos | 01 | | |
| 5 | Bajaj 400mm Wall Fan | Nos | 05 | | |
| 6 | Symphony Air Cooler | Nos | 02 | | |
| 7 | AC Fittings Labour | I.S | 02 | | |
| Grand Total | | | | | |

**Terms & Conditions:-**
1. Period of delivery/ work:- Within 07 [Seven] days.
2. Place of Delivery:-O/o. Executive Engineer, Megalift Project Division, Titilagarh.
3. Payment will he made after completion of delivery/ work, submission of bill in duplicate and after verification thereof.
4. GSTIN, PAN Card etc. should be attached with quotations.
5. Taxes as admissible will be deducted from the bill.

**Sd./- Executive Engineer, Megalift Project Division, Titilagarh**
**OIPR-32301/11/0007/2223**

## ସଂକ୍ଷେପରେ

### ୫ ମୋବାଇଲ ଫୋନ ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୪।୬(ବ୍ୟୁରୋ):** ରାଜଧାନୀର ବିଭିନ୍ନ ସ୍ଥାନରୁ ମୋବାଇଲ ଚୋରି କରି ଫେରାର ହୋଇଯାଉଥିବା ଅଭିଯୁକ୍ତକୁ ଗିରଫ କରିଛି ଲିଙ୍ଗରାଜ ଥାନା ପୋଲିସ। ସେ ହେଲେ ଡୁମଡୁମା ଅଞ୍ଚଳରେ ରହୁଥିବା ଗଞ୍ଜାମର ସୂର୍ଯ୍ୟ ନାରାୟଣ ସାହୁ (୨୨)। ତାଙ୍କଠାରୁ ବିଭିନ୍ନ କମ୍ପାନୀର ୫ ଦାମୀ ମୋବାଇଲ ଫୋନ ଜବତ କରାଯାଇଛି। ଏଥିସହ ଲିଙ୍ଗରାଜ ଥାନା ପୋଲିସ ମାମଲା (ନଂ.୫୮/୨୨)ରେ ରୁଜୁ କରି ଅଭିଯୁକ୍ତ ସୂର୍ଯ୍ୟଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ନାମରେ ପୂର୍ବରୁ ଶହୀଦନଗର ଥାନାରେ ଗୋଟିଏ ମାମଲା ରହିଥିବା ତଦନ୍ତରୁ ଜଣାପଡିଛି।

### ଜନ ସମ୍ବର୍ଦ୍ଧନା ଉତ୍ସବ

**ବାଲିପାଟଣା,୪।୬(ଡି.ଏନ୍.ଏ.):** ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟରେ ପୁରାତନ ଛାତ୍ର କମିଟି ଓ ଜୟଦେବ ନାଗରିକ ପରିଷଦର ମିଳିତ ଆନୁକୂଲ୍ୟରେ ଶନିବାର ଜନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପୂର୍ବତନ ଛାତ୍ର ସଂସଦ ସଭାପତି ଲକ୍ଷ୍ମଣ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ କଲେଜ ଅଧ୍ୟକ୍ଷ ନିମାଇଁ ଚରଣ ଜେନା, ପୂର୍ବତନ ଛାତ୍ର କମିଟି ସମ୍ପାଦକ ସୋମନାଥ ସ୍ୱାଇଁ, ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା, ତନୟା ଦାସ ଶିଶୁ ଗୋସ୍ୱାମୀ, ଦେବେନ୍ଦ୍ର ବାରିକ, ସେକ୍ ଗୁଲ୍‌ଜାର ପ୍ରମୁଖ ଅତିଥିଭାବେ ଯୋଗଦେଇ ସମ୍ବର୍ଦ୍ଧିତ ପ୍ରତିଭା ପୂର୍ବତନ ଅଧ୍ୟକ୍ଷ ବୈକୁଣ୍ଠ ନାରାୟଣ ଦାସଙ୍କ କଲେଜ ପ୍ରତି ଥିବା ଅବଦାନ ଲାଗି ତାଙ୍କୁ ପ୍ରଶଂସା କରିଥିଲେ। ପୂର୍ବତନ ଛାତ୍ର ସୁଜିତ୍ ବେହେରା ଧନ୍ୟବାଦ ଦେଇଥିଲେ।

### ୨ ପାଇପ ଚୋର ଗିରଫ, ଟ୍ରକ୍ ଜବତ




**ସାକ୍ଷୀଗୋପାଳ,୪।୬(ଡି.ଏନ୍.ଏ./ସ୍ୱ.ପ୍ର.):** ସତ୍ୟବାଦୀ ବ୍ଲକ ଆଳିସ ପଞ୍ଚାୟତର ଟୁରାଲିସ୍ଥିତ ଏକ ଷ୍ଟକ ୟାର୍ଡରୁ ଲୁହା ପାଇପ ଚୋରି ମାମଲାରେ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ପାତ୍ରପଡା ଗ୍ରାମର ବାବୁଲି ସ୍ୱାଇଁ ଓ ପୁରୀ ସଦର ଅଞ୍ଚଳର ଲକ୍ଷ୍ମଣ ପ୍ରଧାନ। ଏହି ମାମଲାରେ ସଂଶ୍ଳିଷ୍ଟ ଏକ କାରଗୋ ଟ୍ରକ୍ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୧୬୦/୨୨) ଜବତ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ପୁରୀ ଜିଲାର ସତ୍ୟବାଦୀ, ବ୍ରହ୍ମଗିରି, କଣାସ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଜିଭିପିଆର ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଟୁରାଲିଠାରେ ଟାଇପ ଷ୍ଟକ ୟାର୍ଡ କରାଯାଇଛି। ଗତ ସପ୍ତାହରେ ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଏଠାରୁ ଲୁହା ପାଇପ ଚୋରି ହୋଇଥିବା ନେଇ କମ୍ପାନୀ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରି ବାବୁଲି ଓ ଲକ୍ଷ୍ମଣଙ୍କୁ ଗିରଫ କରିଥିଲା।

# ଭୁବନେଶ୍ୱରରେ କାର୍ଯ୍ୟକାରୀ ହେବ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍'

**ଭୁବନେଶ୍ୱର, ୪।୬ (ବ୍ୟୁରୋ)**

ଭୁବନେଶ୍ୱରରେ କାର୍ଯ୍ୟକାରୀ ହେବ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' (ଡିଏଫ୍‌ଟି) ପ୍ରକଳ୍ପ। ସହରବାସୀଙ୍କୁ ୨୪ ଘଣ୍ଟା ପାନୀୟ ଜଳ ଯୋଗାଣ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଐତିହ୍ୟ ପୁରୁଣା ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳର ୩୫୦୦ରୁ ଅଧିକ ପରିବାର ଉପକୃତ ହେବେ। ଏଥିପାଇଁ ଶ୍ରୀ ଲିଙ୍ଗରାଜ ମନ୍ଦିର ଓ ଏହାର ପରିପାର୍ଶ୍ୱ ଅଞ୍ଚଳକୁ ୫ଟି ସବ୍ ଡିଷ୍ଟ୍ରିକ୍ଟ ମିଟରେଡ୍ ଏରିଆରେ ବିଭକ୍ତ କରାଯାଇଥିବାବେଳେ ଶତପ୍ରତିଶତ ସଂଯୋଗରେ ମିଟର ଲଗାଇବା ପାଇଁ ଯୋଜନା ରହିଛି। ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ ରୂପରେଖ ଦେବା ପାଇଁ ଟିପିକଲ, ବିଏସ୍‌ସିଏଲ୍ ଓ ଭୂତଳ କେବୁଲ ଏଜେନ୍ସି ସମେତ ସ୍ୱେରେଜ ପ୍ରକଳ୍ପ ମୁଖ୍ୟ, ଆର୍‌ଆଣ୍ଡବି ଏବଂ ବିଏମ୍‌ସିର ସହଯୋଗ ଲୋଡ଼ାଯାଇଛି। ଶନିବାର ଭୁବନେଶ୍ୱର ମହାନଗର ନିଗମ (ବିଏମସି) କାର୍ଯ୍ୟାଳୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ, ସାଧାରଣ




ବୈଠକରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ ଓ ଅନ୍ୟ ଅଧିକାରୀମାନେ।

- ସହରବାସୀଙ୍କୁ ମିଳିବ ୨୪ ଘଣ୍ଟା ପାନୀୟ ଜଳ
- ପ୍ରାରମ୍ଭିକ ପର୍ଯ୍ୟାୟରେ ଉପକୃତ ହେବେ ୩୫ଶହ ପରିବାର

ଉଦ୍ୟୋଗ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରି ପ୍ରକଳ୍ପର ଶୀଘ୍ର କାର୍ଯ୍ୟକାରିତା ସହ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ସୁରୁଖୁରୁରେ ହେବା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରକଳ୍ପ କାର୍ଯ୍ୟକାରିତାରେ ଯେପରି ବିଳମ୍ବ ନ ହୁଏ ସେଥିପ୍ରତି ସଂପୃକ୍ତ ବିଭାଗ ସମୂହ ତତ୍ପର ରହିବେ ସେନେଇ ବୈଠକର ଆବାହକ ତଥା ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ ୱାଟ୍‌କୋ, ବିଏମ୍‌ସି, ବିଡିଏ, ଆର୍‌ଆଣ୍ଡବି, ଓବିସିସି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଦାୟିତ୍ୱରେ ଥିବା ବିଭାଗଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ନିୟମିତ ତଦାରଖ କରିବେ। ଏଥିପାଇଁ ୱାଟ୍‌କୋ ଏକ ରୋଡ୍ ମ୍ୟାପ୍ କରିବା ଆବଶ୍ୟକ। ଏହି ପ୍ରକଳ୍ପ ଦ୍ୱାରା ଯେପରି ସହରରେ ଚାଲିଥିବା ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟ ବାଧାପ୍ରାପ୍ତ ନ ହୁଏ ସେଥିପ୍ରତି ସମ୍ପୃକ୍ତ ଅଧିକାରୀ ଧ୍ୟାନ ଦେବାକୁ କମିଶନର ପରାମର୍ଶ ଦେଇଛନ୍ତି। ଏହି ଅବସରରେ ୱାଟ୍‌କୋ ସିଇଓ ପ୍ରକଳ୍ପର ପୂରା ରୂପରେଖ ଉପସ୍ଥାପନ ପୂର୍ବକ ଆଲୋଚନା କରିଥିଲେ। ବିଏମ୍‌ସି ଅତିରିକ୍ତ କମିଶନର ବିନୟ କୁମାର ଦାଶ, ଭୁବନେଶ୍ୱର ଏଡିଏମ୍ ପ୍ରଫୁଲ୍ଲ କୁମାର ସ୍ୱାଇଁ, ବିଏସ୍‌ସିଏଲ୍‌ର ମହାପ୍ରବନ୍ଧକ କମଲ୍‌ଜିତ୍ ଦାସ, ୱାଟ୍‌କୋ ଜିଏମ୍ ଜି.ସି. ଦାସ, ବିଏମ୍‌ସି ନଗର ଯନ୍ତ୍ରୀ ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ମୋବାଇଲ ଟାବ୍‌ଲେଟ୍ ଚୋରି, ୨ ଗିରଫ

**ବାରଙ୍ଗ,୪।୬ (ଡି.ଏନ୍.ଏ.)**

ବାରଙ୍ଗ ଥାନା ଅନ୍ତର୍ଗତ ଗୋଡିସାହି ଫାଣ୍ଡି ଅଧୀନ ଏକ ଶିକ୍ଷା ଅନୁଷ୍ଠାନର ଶ୍ରେଣୀଗୃହରୁ ଜଣେ ଛାତ୍ରୀଙ୍କ ମୋବାଇଲ ଟାବଲେଟ୍ ଚୋରି କରିଥିବା ଅଭିଯୋଗରେ ଶନିବାର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗର ସୌରଭ ଶର୍ମା ଓ ବୈଭବ ଯାଦବ। ଏନେଇ ପୋଲିସ ଏକ ମାମଲା (କେସ୍ ନଂ. ୧୩୧/୨୨) ରୁଜୁ କରିଛି। ସୂଚନା ମୁତାବକ, ସୋମବାର ସିଲ୍‌କା ପ୍ରିୟଦର୍ଶିନୀ ନାମକ ଜଣେ ଛାତ୍ରୀ ଶ୍ରେଣୀଗୃହରେ କ୍ଲାସ କରୁଥିବା ସମୟରେ ତାଙ୍କ ମୋବାଇଲ ଟାବଲେଟ ଚୋରି ହୋଇଥିଲା। ସିଲ୍‌କା ବହୁତ ଖୋଜାଖୋଜି କରିବା ପରେ ନ ପାଇବାରୁ ସେ ସୋମବାର ଥାନାରେ ଅଭିଯୋଗ କରିଥିଲେ। ତଦନ୍ତରୁ ଛାତ୍ର ବୈଭବ ଟାବଲେଟ୍‌ଟିକୁ ଅନ୍ୟଜଣେ ଛାତ୍ର ସୌରଭଙ୍କୁ ବିକି ଦେଇଥିବା ଜଣାପଡିଛି।

### ନୀଳକଣ୍ଠେଶ୍ୱରଙ୍କ ବାହାଘର ସମ୍ପନ୍ନ

**ବାରଙ୍ଗ,୪।୬ (ଡି.ଏନ୍.ଏ.)**

ବାରଙ୍ଗ ତଥା ପଟିଆ ଅଞ୍ଚଳର ବିଭିନ୍ନ ଶୈବପୀଠରେ ଶିବ ବିବାହ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପଟିଆରେ ନୀଳକଣ୍ଠେଶ୍ୱର ମନ୍ଦିରରେ ପରିଚାଳନା କମିଟି ପକ୍ଷରୁ ବିବାହୋତ୍ସବ ପାଳିତ ହୋଇଥିଲା। ଗ୍ରାମର ପ୍ରସନ୍ନ ଜେନା ବର ପିତା ହୋଇଥିବାବେଳେ ସେହି ଗ୍ରାମର ରମେଶ ଜେନା କନ୍ୟା ପିତା ଭାବେ ଯୋଗଦେଇ ବିବାହ ସମ୍ପନ୍ନ କରିଥିଲେ। ପାରମ୍ପରିକ ରୀତିନୀତିରେ ବାଜ ଓ ବାଣରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଅଖପାଖ ଗ୍ରାମରୁ ବହୁ ଲୋକ ଉତ୍ସବରେ ଯୋଗଦେଇ ନୀଳକଣ୍ଠଙ୍କ ଆଶୀର୍ବାଦ ଲାଭ କରିଥିଲେ। ଭକ୍ତଙ୍କ ପାଇଁ ହରିହାଟର ବ୍ୟବସ୍ଥା ହୋଇଥିଲା। ବିବାହ ପରେ ନବ ଦମ୍ପତିଙ୍କୁ ଗ୍ରାମ ପରିକ୍ରମା କରାଯାଇ ମନ୍ଦିରକୁ ନିଆଯାଇଥିଲା। ମହିଳା ଭକ୍ତମାନେ ନବ ଦମ୍ପତିଙ୍କୁ ବନ୍ଦାପନା କରିଥିଲେ। ଏଥିରେ ଭକ୍ତମାନେ ସୁନାଅଳଙ୍କାରମାନ ବନ୍ଦାପନା କରିଥିବା ଦେଖିବାକୁ ମିଳିଥିଲା।

## ଗଛରେ ବିଜ୍ଞାପନ ଫଳକକୁ ନେଇ ଅସନ୍ତୋଷ

**ପୁରୁଣା ଭୁବନେଶ୍ୱର,୪।୬(ଡି.ଏନ୍.ଏ.)**

ରାଜଧାନୀ ଭୁବନେଶ୍ୱରରେ କେତେଜଣ ବ୍ୟକ୍ତି ଏବଂ ବ୍ୟବସାୟୀ ଗଛରେ କଣ୍ଟା ପିଟି ନିଜ କମ୍ପାନୀର ବିଜ୍ଞାପନ ଫଳକ ଝୁଲାଇଛନ୍ତି। ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ଶୈଳଶ୍ରୀ ବିହାର, ପଟିଆ, ଚନ୍ଦ୍ରଶେଖରପୁର ଆଦି ଅଞ୍ଚଳର ରାସ୍ତା ପାର୍ଶ୍ୱରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। କେଉଁ ଗଛରେ ଗୋପନରେ ମଦନିଶା ଛଡ଼ାନ୍ତୁ, ଗୁପ୍ତରୋଗ, ସେକ୍ସ ସମସ୍ୟାର ବିଜ୍ଞାପନ ତ' ଆଉ କେଉଁଠି ଝୁଲୁଛି ଓଜନ ଓ ପେଟ କମାନ୍ତୁ, ସୁସ୍ଥ ରୁହନ୍ତୁ। ଗୋଟିଏପଟେ ଗଛକୁ ଦେବତା କହି ପୂଜା କରାଯାଉଥିବା ବେଳେ ଅନ୍ୟପଟେ ବୃକ୍ଷ ଦେବତାଙ୍କଠାରେ ପିଟାଯାଇଛି କଣ୍ଟା। ନିଜ ନିଜର ଲାଭ ପାଇଁ ସହରର ସବୁଜିମାକୁ ନଷ୍ଟ କରୁଥିବା ସଂସ୍ଥା ଓ ବ୍ୟକ୍ତିଙ୍କ ପ୍ରତି ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ପରିବେଶବିତ୍ ସୁଶାନ୍ତ ସାହୁ ଦାବି କରିଛନ୍ତି। ଜଗନ୍ନାଥ ଭୂମିରେ ଯେଉଁଠି




ଗଛରେ ଲାଗିଥିବା ବିଭିନ୍ନ ବିଜ୍ଞାପନ ଫଳକ।

ଦାରୁ ରୂପରେ ମହାପ୍ରଭୁ ବିଦ୍ୟମାନ, ସେଠାରେ ଏ ବିଭ୍ରାଟ କାହିଁକି ବୋଲି ସାହୁ କହିଛନ୍ତି। ବନ୍ୟଜନ୍ତୁ ସଂରକ୍ଷଣ ଆକ୍ଟ ପରି ବୃକ୍ଷଗୁଡ଼ିକ ପ୍ରତି ସେମିତି ସରକାର ନିୟମ ଜାରି କରନ୍ତୁ ବୋଲି ପରିବେଶବିତ୍ ସାହୁ ଦାବି କରିଛନ୍ତି।

## ୩ ରଥର ସମସ୍ତ ୪୨ ଚକ ନିର୍ମାଣ ଶେଷ

**ପୁରୀ ଅଫିସ, ୪।୬**

ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ୩୧ତମ ଦିବସରେ ତିନିରଥର ମୋଟ ୪୨ ଚକ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତିନିରଥର ୫ ଦଣ୍ଡାରେ ମୁହାଁଟ ଲାଗିଥିବା ବେଳେ ଆଗ ଏବଂ ପଛ ନିରାଡ଼ି ଉଠିଛି । ତିନିରଥର ଦୁଇଟି ଲେଖାଏ ଗରଗରା ଚଉପଟ ହୋଇ ବିନ୍ଧ କାର୍ଯ୍ୟ ଓ ଦୁଇଟି ଲେଖାଏ ଡମକ ଚଉପଟ କାର୍ଯ୍ୟ ଜାରି ରହିଛି। ଏଥିସହ ଦଣ୍ଡା ଫ୍ରେମ ପ୍ରସ୍ତୁତି ଶେଷ ପରେ ଦଣ୍ଡା ଫ୍ରେମରେ ସଂଯୋଗ ହୋଇଥିବା ଅଂଶଗୁଡିକର ନମ୍ବରିଂ ହୋଇ ଖୋଲାଯିବ। ରଥର ପ୍ରଥମ ପର୍ଯ୍ୟାୟ ଚକ, ଅଖ ନିର୍ମାଣ ପରେ ଦ୍ୱିତୀୟ ପର୍ଯ୍ୟାୟ ଦଣ୍ଡା ଫ୍ରେମରେ ରଥର ସମସ୍ତ ଭାର ବହନ କରେ। ତାଳଧ୍ୱଜ ରଥର ପାଞ୍ଚ ଦଣ୍ଡାରେ ମୁହାଁଟ ଲାଗି ହୋଇଥିଲା। ପରେ ସେଥିରେ ଆଗ ପଛ ନିରାଡ଼ି ଉଠି, ପାର୍ଶ୍ୱ ଦଣ୍ଡାରେ କୁଡୁକା ଲାଗି ହୋଇ ପାର୍ଶ୍ୱ ନିରାଡ଼ି ଦୁଇପଟରେ ଲାଗିଛି। ଏଥିସହ ଦୁଇଟି ଗରଗରାରେ ବିନ୍ଧ କାର୍ଯ୍ୟ ଚାଲିବା ସହ ଦୁଇଟି ଡମକର ଚଉପଟ କାର୍ଯ୍ୟ ଜାରି ରହିଛି। ଏହି ଡମକ ଚାରି ନାହାକା ଏବଂ ଗୟଳକୁ ବାନ୍ଧି ରଖିଥାଏ। ଦେବଦଳନ ରଥର ୧୨ତମ ଚକ ବା ଶେଷ ଚକ ନିର୍ମାଣ ସରିଛି। ଏତଦ୍‌ବ୍ୟତୀତ ଦେବଦଳନ ରଥର ପାଞ୍ଚ ଦଣ୍ଡାରେ ମୁହାଁଟ ଲାଗି ହୋଇ ଆଗ ପଛ ନିରାଡ଼ି ଉଠିଥିଲା। ପାର୍ଶ୍ୱଦଣ୍ଡାରେ କୁଡୁକା ଲାଗି ହୋଇ ପାର୍ଶ୍ୱ ନିରାଡ଼ି ଦୁଇପଟ ଲାଗିଛି। ଏଥିସହ ଦୁଇଟି ଗରଗରାରେ ବିନ୍ଧ କାର୍ଯ୍ୟ ସହ ୨ଟି ଡମକର ଚଉପଟ କାର୍ଯ୍ୟ ଚାଲିଛି। ପୋଲ-ଗୟଳ ଚିରଟ ପାଇଁ କରତି ସେବକ ପୋଲ ଗୟଳ କାଠର ଉଭୟ ପାର୍ଶ୍ୱ ବାରିସିରେ ଚାଞ୍ଛି ସମତଳ କରି ଚିରଟ ଦାଗ ଦେଇଛନ୍ତି। ନନ୍ଦିଘୋଷ ରଥର ପଞ୍ଚ ଦଣ୍ଡାରେ ମୁହାଁଟ ଲାଗି ହୋଇ ଆଗ, ପଛ ନିରାଡ଼ି ଉଠିଥିଲା। ପରେ ପାର୍ଶ୍ୱ ଦଣ୍ଡାରେ କୁଡୁକା ଲାଗି ହୋଇ ପାର୍ଶ୍ୱ ନିରାଡ଼ି ଦୁଇପଟରେ ଲାଗିଛି। ତିନିରଥର ରୂପକାର ସେବକମାନେ ସାଲ ଗୁଜ, ତିଖ ଗୁଜରେ ରୂପ ଖୋଦେଇ ଶେଷ କରି ରଥର ସିଂହାସନରେ ଡାଲି ଲତା ଏବଂ କୁମ୍ଭ ଖୋଦେଇ ଆରମ୍ଭ କରିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତିନିରଥର କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ବନ୍ଧୁକ ଜବତ, ୨ ଗିରଫ

**ବାଲିଅନ୍ତା/ବାଲକାଟୀ,୪।୬ (ଡି.ଏନ୍.ଏ.)**

ଚୋରା ବନ୍ଧୁକ ରଖିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ରଙ୍ଗବଜାରସ୍ଥିତ ଗତିକୃଷ୍ଣ ଭିଲାର ବିଶ୍ୱଜିତ ଦାଶ (୩୪)ଓ ଅଭିନ୍ୟ ମହାପାତ୍ର (୩୪)। ସେମାନଙ୍କଠାରୁ ଗୋଟିଏ ବନ୍ଧୁକ, ୨ଟି ମୋବାଇଲ ଫୋନ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୨୨୨/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ରଙ୍ଗ ବଜାରସ୍ଥିତ ଗତିକୃଷ୍ଣ ଭିଲାରେ ଏହି ଦୁଇ ଯୁବକ ରହି ବ୍ୟବସାୟ



କରିବା ବାହାନାରେ ବନ୍ଧୁକ ରଖିଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଶୁକ୍ରବାର ରାତିରେ ସେଠାରେ ଚଢ଼ାଉ କରି ଉକ୍ତ ୨ଜଣଙ୍କୁ ଗିରଫ କରିବା ସହ ବନ୍ଧୁକ ଜବତ କରିଥିଲା। ଏହି ଦୁଇଜଣଙ୍କ ନାମରେ ପୂର୍ବରୁ କୌଣସି ଆପରାଧିକ ରେକର୍ଡ ଅଛି କି ନାହିଁ ପୋଲିସ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ କହିଛନ୍ତି।

## ପୁଅ ମୃତଦେହ ଫେରାଇ ଆଣିବାକୁ ନିବେଦନ

**ଖୋର୍ଦ୍ଧା ଅଫିସ,୪।୬**

- ଅଧିକ ରୋଜଗାର ଆଶାରେ ଯାଇ ପ୍ରାଣ ହରାଇଲେ
- ମୃତଦେହ ହସ୍ତାନ୍ତର ଲାଗି ଲକ୍ଷାଧିକ ଟଙ୍କା ଦାବି କରୁଛି ସଂସ୍ଥା
- ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ

ହାଇଦ୍ରାବାଦର ଏକ ଘରୋଇ କମ୍ପାନୀ କର୍ତ୍ତୃପକ୍ଷ ଜଣେ ଯୁବକଙ୍କ ମୃତଦେହ ହସ୍ତାନ୍ତର ଲାଗି ଲକ୍ଷାଧିକ ଟଙ୍କା ଦାବି କରୁଛନ୍ତି। ଅସହାୟ ମା' ଓ ପରିବାର ପୁଅର ମୃତଦେହ ଫେରାଇ ଆଣିବା ପାଇଁ ଜିଲା ପ୍ରଶାସନ ନିକଟରେ ନେହୁରା ହେଉଛନ୍ତି। ଶନିବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ପୁଅର ମୃତଦେହ ଫେରାଇ ଆଣିବା ଲାଗି ଜିଲାପାଳଙ୍କ ନିକଟରେ ପରିବାର ଲୋକେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ଟାଙ୍ଗୀ ବ୍ଲକ ସୋରଣ ଗ୍ରାମର କାଳିଆ ସାମନ୍ତରା ସେହି ଗ୍ରାମର ଅନ୍ୟ ଜଣେ ଯୁବକଙ୍କ ପ୍ରରୋଚନାରେ ପଡ଼ି ଅଧିକ ରୋଜଗାର ଆଶାରେ ଦେଢ଼ମାସ ତଳେ ହାଇଦ୍ରାବାଦ ଯାଇଥିଲେ। ସେଠାରେ ଏକ କମ୍ପାନୀରେ କାମ କରୁଥିଲେ। ତିନିଦିନ ପୂର୍ବେ ସେ କେଉଁଆଡ଼େ ନିଖୋଜ ହୋଇଯାଇଥିବା ନେଇ କାଳିଆଙ୍କୁ ସାଥିରେ ନେଇ ଯାଇଥିବା ଯୁବକଙ୍କଠାରୁ ପରିବାର ଲୋକେ ଖବର ପାଇଥିଲେ। ଏନେଇ ପରିବାର ଲୋକେ କାଳିଆଙ୍କ ମୋବାଇଲକୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ଶୁକ୍ରବାର କାଳିଆଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ପରିବାର ଲୋକେ ସୂଚନା ପାଇଥିଲେ। ତେବେ ସେଠାରୁ ପୁଅର



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ମୃତକଙ୍କ ପରିବାର।

ମୃତଦେହ ଛାଡ଼ିବାକୁ ସେମାନେ ଅଧିକ ଟଙ୍କା ଦାବି କରୁଥିବା ମୃତକଙ୍କ ମା' କୁମାରୀ ସାମନ୍ତରା ଅଭିଯୋଗରେ ଦର୍ଶାଇଛନ୍ତି। ସେମାନଙ୍କ ଦାବି ମୁତାବକ ଟଙ୍କା ଦେବାକୁ ସକ୍ଷମ ନୁହଁ। କାଳିଆଙ୍କର ଏକ ୧୨ ବର୍ଷର ପୁଅ ଏବଂ ପତ୍ନୀ ଅଛନ୍ତି। ସେଠାରେ କାଳିଆଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରୁଥିବା କୁମାରୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ପୁଅକୁ ସାଥିରେ ନେଇ ଯାଇଥିବା ଯୁବକଙ୍କୁ ବାରମ୍ବାର ପଚାରିଲେ ମଧ୍ୟ ସେ ଅନେକ କଥା ଲୁଚାଉଥିବା ସନ୍ଦେହ ହେଉଛି। ପୁଅର ମୃତଦେହ ଘରକୁ ଫେରାଇ ଆଣିବା ପାଇଁ ପରିବାର ଆକୁଳ ନିବେଦନ କରିଛନ୍ତି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କୁହନ୍ତି, ଏନେଇ ଜିଲା ଶ୍ରମ ଅଧିକାରୀଙ୍କୁ ଘଟଣାର ତଦନ୍ତ ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ମଣ୍ଡଳ ଶ୍ରମ ଆୟୁକ୍ତ ପ୍ରଣବ ପାତ୍ର କୁହନ୍ତି, ଏ ସମ୍ପର୍କରେ ସବିଶେଷ ରିପୋର୍ଟ ପ୍ରଦାନ ଲାଗି ବାଲୁଗାଁ ଶ୍ରମ ଅଧିକାରୀଙ୍କୁ ପରାମର୍ଶ ଦେଇଛି। ସୋମବାର ଏଥିଲାଗି ପଦକ୍ଷେପ ଗ୍ରହଣ କରାଯିବ। ମୃତଦେହ ଫେରାଇ ଆଣିବା ଲାଗିପ୍ରୟାସକରାଯିବବୋଲିସେକହିଛନ୍ତି।

## ୨ ମାଙ୍କଡ଼ା ପଥର ଟ୍ରାକ୍ଟର ଜବତ, ୩ ଗିରଫ






ଜବତ ୨ ଟ୍ରାକ୍ଟର ଏବଂ ଗିରଫ ଚାଳକ।

**ନିରାକାରପୁର, ୪।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ ବଢ଼ିଚାଲିଛି। ବାରମ୍ବାର ପ୍ରଶାସନର ଚଢ଼ାଉ ସତ୍ତ୍ୱେ ମାଫିଆଙ୍କ ଉପରେ କୌଣସି ପ୍ରଭାବ ପଡୁନାହିଁ। ଶନିବାର ସ୍ଥାନୀୟ ପୋଲିସ ନୂଆଗଡ଼ ପଞ୍ଚାୟତ ଅନ୍ତର୍ଗତ ହରିପୁର ମୁଖ୍ୟରାସ୍ତା ପାର୍ଶ୍ୱ ଏକ ଖଣିରେ ଚଢ଼ାଉ କରି ଦୁଇଟି ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ନରେନ୍ଦ୍ର ପଲେଇ, ପ୍ରଶାନ୍ତ ପଲେଇ ଓ ସାନ ରାଉତପଡ଼ା ଗ୍ରାମର ହାଡ଼ିବନ୍ଧୁ ଗୁରୁ। ଏ ସମ୍ପର୍କରେ ଏକ ମାମଲା (ନଂ.୧୧୨/୨୨)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ସୂଚନା ଦେଇଛନ୍ତି।

## ପଲିଥିନ୍, ପ୍ଲାଷ୍ଟିକ୍ କଟକଣା ପ୍ରହସନ

**ଖୋର୍ଦ୍ଧା ଅଫିସ, ୪।୬**

**ଆଜି ବିଶ୍ୱ ପରିବେଶ ଦିବସ**

- ବ୍ୟବହାର ଉପରେ ରୋକ୍ ଲାଗିପାରୁନି
- ଚେତୁନାହାନ୍ତି ଜନତା

ପଲିଥିନ ଏବଂ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ପରିବେଶ ପାଇଁ ଚିନ୍ତାର କାରଣ ସାଜିଛି। ଏହାର ବ୍ୟବହାର ବିରୋଧରେ ପ୍ରଶାସନର କଟକଣାକୁ କେହି ମାନୁନାହାନ୍ତି। ଭବିଷ୍ୟତରେ ମହା ମଣିଷ ସମାଜ ପାଇଁ ଏହା ଘାତକ ପାଲଟିବାକୁ ଯାଉଥିବା ଜାଣି ସୁଦ୍ଧା ଏଥିରୁ କେହି ମୁହଁ ଫେରାଉନାହାନ୍ତି। ଫଳରେ ଖୋର୍ଦ୍ଧା ସହରରେ ପଲିଥିନ ଓ ପ୍ଲାଷ୍ଟିକ୍ ବ୍ୟବହାର କଟକଣା କେବଳ ପ୍ରହସନ ପାଲଟିଛି।

ପଲିଥିନ ଏବଂ ପ୍ଲାଷ୍ଟିକ୍ ଲୋକଙ୍କ ଜୀବନର ଏକ ଅଂଶବିଶେଷ ପାଲଟିଛି। ରାଶନ ସାମଗ୍ରୀ, ଫଳ, ପନପରିବା ଏପରିକି ଔଷଧ ଏବଂ ଖାଇବା ପଦାର୍ଥ ଲାଗି ପଲିଥିନ ବ୍ୟବହାର କରୁଛନ୍ତି। ବ୍ୟବହାର ପରେ ତାହାକୁ ଏଣେତେଣେ ଫୋପାଡ଼ି ଦେଉଛନ୍ତି। ନାଳ ନର୍ଦ୍ଦମାରେ ପ୍ଲାଷ୍ଟିକ୍, ପଲିଥିନ ପଡି ପଚିଶଢ଼ି ନାଳପାଣି ନିଷ୍କାସନ ହେବାରେ ଅସୁବିଧା ହେଉଛି। ଏହା ସହଜରେ ଜୈବ ବିଘଟନ ଘଟି ନ ଥାଏ। ଫଳରେ ମଣିଷ ସମାଜ ପରିବେଶ ପ୍ରଦୂଷଣ ଭଳି ପରିସ୍ଥିତିର ସମ୍ମୁଖୀନ ହେଉଛି। ଦିନକୁ ଦିନ ପ୍ରଦୂଷଣ ବଢ଼ିଚାଲିଥିଲେ ମଧ୍ୟ ଏଥିପ୍ରତି କାହାରି ନିଘା ନାହିଁ। ରାଜ୍ୟ ସରକାର ପ୍ରଥମେ ୫ଟି ମହାନଗର(ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା) ସମେତ ପୁରୀ ସହରରେ ଏହାର ବ୍ୟବହାର ଉପରେ କଟକଣା ଜାରି କରିଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ଜିଲାରେ ମଧ୍ୟ କଟକଣା ଲାଗୁ କରାଯାଇଥିଲା। ପ୍ଲାଷ୍ଟିକ, ପଲିଥିନ ବିକ୍ରି, ଆମଦାନି, ରପ୍ତାନୀ ଓ ବଣ୍ଟନ ଉପରେ ଜଙ୍ଗଲ ଓ ପରିବେଶ ବିଭାଗ



ଡ୍ରେନ୍‌ରେ ଜମି ରହିଥିବା ପଲିଥିନ୍ ଓ ପ୍ଲାଷ୍ଟିକ ସାମଗ୍ରୀ।

ପକ୍ଷରୁ କଟକଣା ଜାରି କରାଯାଇଥିଲା। ତେବେ ପ୍ରଥମେ ପୌର ପ୍ରଶାସନ ପକ୍ଷରୁ ଧରପଗଡ଼ ପରେ ଏଥିରେ ଶିଥିଳ ପଡ଼ିଯାଇଛି। ରାସ୍ତାକଡ଼ ଉଠା ଦୋକାନୀ, ଫୁଟ୍‌ପାଥ୍ ବ୍ୟବସାୟୀଙ୍କଠାରୁ ସମସ୍ତ ହୋଟେଲ, ପାନ ଦୋକାନ, ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନରେ ଏହାର ବହୁଳ ବ୍ୟବହାର କରାଯାଉଛି। ସହରସାରା ମାଳ ମାଳ ପଲିଥିନ ବ୍ୟବହାର ହେଉଥିବା ସତ୍ତ୍ୱେ ବିଭାଗୀୟ ଉଦାସୀନତା ଏହାକୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅନ୍ୟପଟେ ସହରର ବହୁ ଡ୍ରେନ୍‌ରେ ପ୍ଲାଷ୍ଟିକ, ପଲିଥିନ ବର୍ଷ ବର୍ଷ ଧରି ପଡିରହି ପାଣି ନିଷ୍କାସନରେ ବାଧା ସୃଷ୍ଟି କରୁଛି। ଗୋପୀନାଥ ସାହି, ଉପରସାହି, ରାଧାବଲ୍ଲଭ ସାହି ଓ ବରୁଣେଇ ସାହି, ସାମନ୍ତରାପୁର ଛକ, ଉପରସାହି, ଖ୍ରୀଷ୍ଟିଆନ ସାହି, ବାସେଳି ସାହି, ମାଛ ମାର୍କେଟ, ଉପଜିଲାପାଳଙ୍କ ବାସଭବନ ପଛପଟ ଆଦି ସାହିର ନାଳରେ ବର୍ଷ ବର୍ଷ ଧରି ପ୍ଲାଷ୍ଟିକ୍, ପଲିଥିନ ଜମି ରହିଛି। ଫଳରେ ବର୍ଷା ହେଲେ ଖୋର୍ଦ୍ଧା ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏନେଇ ପୌର ପ୍ରଶାସନର ଜଣେ ଅଧିକାରୀ କୁହନ୍ତି, ପ୍ରଶାସନ ପକ୍ଷରୁ ରୀତିମତ ବ୍ୟବଧାନରେ ଚଢ଼ାଉ କରାଯାଉଛି। କରୋନା ଯୋଗୁ ଗତ ଦୁଇବର୍ଷ ହେଲା ପ୍ରାୟ ଦୋକାନ ବଜାର ବନ୍ଦ ରହିଥିଲା। ଆଗାମୀ ଦିନରେ ଚଢ଼ାଉ କରାଯିବ। ବର୍ଷାଦିନ ପୂର୍ବରୁ ନାଳରେ ଜମି ରହିଥିବା ପ୍ଲାଷ୍ଟିକ୍, ପଲିଥିନ ବାହାର କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଗଛରେ ବିଜ୍ଞାପନ ଫଳକକୁ ନେଇ ବଢୁଛି ଅସନ୍ତୋଷ



ପୁରୁଣା ଭୁବନେଶ୍ୱର, ୪।୬ (ଡି.ଏନ୍.ଏ.): ରାଜଧାନୀ ଭୁବନେଶ୍ୱରରେ କେତେକ ବ୍ୟକ୍ତି ଏବଂ ବ୍ୟବସାୟୀ ଗଛରେ କଣ୍ଟା ପିଟି ନିଜ କମ୍ପାନୀର ବିଜ୍ଞାପନ ଫଳକ ଝୁଲାଉଛନ୍ତି। ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ଶୈଳଶ୍ରୀ ବିହାର, ପଟିଆ, ଚନ୍ଦ୍ରଶେଖରପୁର ଆଦି ଅଞ୍ଚଳର ରାସ୍ତା ପାର୍ଶ୍ୱରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। କେଉଁ ଗଛରେ ଗୋପନରେ ମଦନିଶା ଛଡ଼ାନ୍ତୁ, ଗୁପ୍ତରୋଗ, ସେକ୍ସ ସମସ୍ୟାର ବିଜ୍ଞାପନ ତ' ଆଉ କେଉଁଠି ଝୁଲୁଛି ଓଜନ ଓ ପେଟ କମାନ୍ତୁ, ସୁସ୍ଥ ରୁହନ୍ତୁ। ଗୋଟିଏପଟେ ଗଛକୁ ଦେବତା କହି ପୂଜା କରାଯାଉଥିବା ବେଳେ ଅନ୍ୟପଟେ ବୃକ୍ଷ ଦେବତାଙ୍କଠାରେ ପିଟାଯାଇଛି କଣ୍ଟା। ନିଜ ନିଜର ଲାଭ ପାଇଁ ସହରର ସବୁଜିମାକୁ ନଷ୍ଟ କରୁଥିବା ସଂସ୍ଥା ଓ ବ୍ୟକ୍ତିଙ୍କ ପ୍ରତି ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ପରିବେଶବିତ୍ ସୁଶାନ୍ତ ସାହୁ ଦାବି କରିଛନ୍ତି। ଜଗନ୍ନାଥ ଭୂମିରେ ଯେଉଁଠି ଦାରୁ ରୂପରେ ମହାପ୍ରଭୁ ବିଦ୍ୟମାନ, ସେଠାରେ ଏ ବିଭ୍ରାଟ କାହିଁକି ବୋଲି ସାହୁ କହିଛନ୍ତି। ବନ୍ୟଜନ୍ତୁ ସଂରକ୍ଷଣ ଆକ୍ଟ ପରି ବୃକ୍ଷଗୁଡ଼ିକ ପ୍ରତି ସେମିତି ସରକାର ନିୟମ ଜାରି କରନ୍ତୁ ବୋଲି ପରିବେଶବିତ୍ ସାହୁ ଦାବି କରିଛନ୍ତି।

### ଛାତ୍ରୀଛାତ୍ରଙ୍କ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ



ନିରାକାରପୁର,୪।୬(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଅଚ୍ୟୁତପୁରସ୍ଥିତ ଦାଶରଥି ମହାପାତ୍ର ହାଇସ୍କୁଲ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ, ଯୋଗ, ନୃତ୍ୟ, କ୍ରୀଡ଼ା, ଭଜନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ତମାଖୁ ବର୍ଜନ, ସମାଜରେ ଶିକ୍ଷାର ଗୁରୁତ୍ୱ ଆଦି ସଂକୀର୍ତ୍ତନ ମାଧମରେ ନବମ ଶ୍ରେଣୀ ଛାତ୍ର ଲୋକନାଥ ଲେଙ୍କା (ଗାୟକ) ଓ ହେମାନନ୍ଦ ତାଡ଼ ବାୟକ ଭାବେ ପରିବେଷଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

### ଅବସରକାଳୀନ ସମ୍ବର୍ଦ୍ଧନା

ନିରାକାରପୁର,୪।୬(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ବରିଷ୍ଠ କର୍ମଚାରୀ ପ୍ରଦୀପ କୁମାର ଦାଶଙ୍କୁ ଶନିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା କଲେଜ ପରିସରରେ ଦିଆଯାଇଛି। ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନାଗାର ଓ ଗ୍ରନ୍ଥାଗାର ସହାୟକ ଭାବେ କାର୍ଯ୍ୟରତ ଥିଲେ। ଡ. ପ୍ରତିଭାମୟୀ ମିତ୍ର, ପ୍ରଭାତ କୁମାର ଦାଶ, ବ୍ରତତୀ ମିଶ୍ର, ସୁକାନ୍ତ ପଟ୍ଟନାୟକ, କୌଶଲ୍ୟା ନାୟକ, ନମିତା ମହାନ୍ତି, ସୁରେଶ ଚନ୍ଦ୍ର ବିଶ୍ୱାଳ, ସଂଯୁକ୍ତା ଦା, ମୃତ୍ୟୁଞ୍ଜୟ ରଥ ପ୍ରମୁଖ ଉପସ୍ଥିତ ରହି ଦାଶଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଜଣାଇଥିଲେ।

# ପଲିଥିନ, ପ୍ଲାଷ୍ଟିକ୍ କଟକଣା ପ୍ରହସନ

ଖୋର୍ଦ୍ଧା ଅଫିସ,୪।୬

**ଆଜି ବିଶ୍ୱ ପରିବେଶ ଦିବସ**

- ବ୍ୟବହାର ଉପରେ ରୋକ୍ ଲାଗିପାରୁନି
- ଚେତୁନାହାନ୍ତି ଜନତା

ପଲିଥିନ ଏବଂ ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ପାଇଁ ଚିନ୍ତାର କାରଣ ସାଜିଛି। ଏହାର ବ୍ୟବହାର ବିରୋଧରେ ପ୍ରଶାସନର କଟକଣାକୁ କେହି ମାନୁନାହାନ୍ତି। ଭବିଷ୍ୟତରେ ମହା ମଣିଷ ସମାଜ ପାଇଁ ଏହା ଘାତକ ପାଲଟିବାକୁ ଯାଉଥିବା ଜାଣି ସୁଦ୍ଧା ଏଥିରୁ କେହି ମୁହଁ ଫେରାଉନାହାନ୍ତି। ଫଳରେ ଖୋର୍ଦ୍ଧା ସହରରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର କଟକଣା କେବଳ ପ୍ରହସନ ପାଲଟିଛି।

ପଲିଥିନ ଏବଂ ପ୍ଲାଷ୍ଟିକ୍ ଲୋକଙ୍କ ଜୀବନର ଏକ ଅଂଶବିଶେଷ ପାଲଟିଛି। ରାଶନ ସାମଗ୍ରୀ, ଫଳ, ପନପରିବା ଏପରି କି ଔଷଧ ଏବଂ ଖାଇବା ପଦାର୍ଥ ଲାଗି ପଲିଥିନ ବ୍ୟବହାର କରୁଛନ୍ତି। ବ୍ୟବହାର ପରେ ତାହାକୁ ଏଣେତେଣେ ଫୋପାଡ଼ି ଦେଉଛନ୍ତି। ନାଳ ନର୍ଦ୍ଦମାରେ ପ୍ଲାଷ୍ଟିକ୍, ପଲିଥିନ ପଡି ପରିଶଢ଼ି ନାଳପାଣି ନିଷ୍କାସନ ହେବାରେ ଅସୁବିଧା ହେଉଛି। ଏହା ସହଜରେ ଜୈବ ବିଘଟନ ଘଟି ନ ଥାଏ। ଫଳରେ ମଣିଷ ସମାଜ ପରିବେଶ ପ୍ରଦୂଷଣ ଭଳି ପରିସ୍ଥିତିର ସମ୍ମୁଖୀନ ହେଉଛି। ଦିନକୁ ଦିନ ପ୍ରଦୂଷଣ ବଢ଼ିଚାଲିଥିଲେ ମଧ୍ୟ ଏଥିପ୍ରତି କାହାରି ନିଘା ନାହିଁ। ରାଜ୍ୟ ସରକାର ପ୍ରଥମେ ୫ଟି ମହାନଗର(ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା) ସମେତ ପୁରୀ ସହରରେ ଏହାର ବ୍ୟବହାର ଉପରେ କଟକଣା ଜାରି କରିଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ଜିଲାରେ ମଧ୍ୟ



ଡ୍ରେନ୍‌ରେ ଜମି ରହିଥିବା ପଲିଥିନ୍ ଓ ପ୍ଲାଷ୍ଟିକ ସାମଗ୍ରୀ।

କଟକଣା ଲାଗୁ କରାଯାଇଥିଲା। ପ୍ଲାଷ୍ଟିକ, ପଲିଥିନ ବିକ୍ରି, ଆମଦାନି, ରପ୍ତାନୀ ଓ ବଣ୍ଟନ ଉପରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କଟକଣା ଜାରି କରାଯାଇଥିଲା। ତେବେ ପ୍ରଥମେ ପୌର ପ୍ରଶାସନ ପକ୍ଷରୁ ଧରପଗଡ଼ ପରେ ଏଥିରେ ଶିଥିଳ ପଡ଼ିଯାଇଛି। ରାସ୍ତାକଡ଼ ଉଠା ଦୋକାନୀ, ଫୁଟ୍‌ପାଥ୍ ବ୍ୟବସାୟୀଙ୍କଠାରୁ ସମସ୍ତ ହୋଟେଲ, ପାନ ଦୋକାନ, ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନରେ ଏହାର ବହୁଳ ବ୍ୟବହାର କରାଯାଉଛି। ସହରସାରା ମାଳ ମାଳ ପଲିଥିନ ବ୍ୟବହାର ହେଉଥିବା ସତ୍ତ୍ୱେ ବିଭାଗୀୟ ଉଦାସୀନତା ଏହାକୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅନ୍ୟପଟେ ସହରର ବହୁ ଡ୍ରେନ୍‌ରେ ପ୍ଲାଷ୍ଟିକ, ପଲିଥିନ ବର୍ଷ ବର୍ଷ ଧରି ପଡିରହି ପାଣି ନିଷ୍କାସନରେ ବାଧା ସୃଷ୍ଟି କରୁଛି। ଗୋପୀନାଥ ସାହି, ଉପରସାହି, ରାଧାବଲ୍ଲଭ ସାହି ଓ ବରୁଣେଇ ସାହି, ସାମନ୍ତରାପୁର ଛକ, ଉପରସାହି, ଖ୍ରୀଷ୍ଟିଆନ ସାହି, ବାସେଲି ସାହି, ମାଛ ମାର୍କେଟ, ଉପଜିଲାପାଳଙ୍କ ବାସଭବନ ପଛପଟ ଆଦି ସାହିର ନାଳରେ ବର୍ଷ ବର୍ଷ ଧରି ପ୍ଲାଷ୍ଟିକ୍, ପଲିଥିନ ଜମି ରହିଛି। ଫଳରେ ବର୍ଷା ହେଲେ ଖୋର୍ଦ୍ଧା ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏନେଇ ପୌର ପ୍ରଶାସନର ଜଣେ ଅଧିକାରୀ କୁହନ୍ତି, ପ୍ରଶାସନ ପକ୍ଷରୁ ରୀତିମତ ବ୍ୟବଧାନରେ ଚଢ଼ାଉ କରାଯାଉଛି। କରୋନା ଯୋଗୁ ଗତ ଦୁଇବର୍ଷ ହେଲା ପ୍ରାୟ ଦୋକାନ ବଜାର ବନ୍ଦ ରହିଥିଲା। ଆଗାମୀ ଦିନରେ ଚଢ଼ାଉ କରାଯିବ। ବର୍ଷାଦିନ ପୂର୍ବରୁ ନାଳରେ ଜମି ରହିଥିବା ପ୍ଲାଷ୍ଟିକ୍, ପଲିଥିନ ବାହାର କରାଯିବ ବୋଲି ସେ କହିଛନ୍ତି।

## ଶିବବିବାହ ସମ୍ପନ୍ନ

ଝାଁଳା,୪।୬(ଡି.ଏନ୍.ଏ.)

ଜଟଣୀ ବ୍ଲକ ଝାଁଳା ଗ୍ରାମରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ପରମ୍ପରା ଅନୁଯାୟୀ, ଶୁକ୍ରବାର ବାବା ବାଲୁଙ୍କେଶ୍ୱର ଓ ମା'ପାର୍ବତୀଙ୍କ ମଙ୍ଗନ କାର୍ଯ୍ୟ ସମାପନ ହୋଇଥିଲା। ଶନିବାର ସନ୍ଧ୍ୟାରେ ବାଲୁଙ୍କେଶ୍ୱର ମହାଦେବଙ୍କ ବିଗ୍ରହକୁ ଏକ ସୁସଜ୍ଜିତ ବିମାନରେ ବସାଇ ବାଜା, ବାଣ, ହାତୀ, ଘୋଡ଼ା, ପାରମ୍ପରିକ ପଟୁଆର ଧରି ଗ୍ରାମ ପରିକ୍ରମା କରାଯାଇଥିଲା। ବରପିତା ଅଶ୍ୱନୀ କୁମାର ଜଗଦେବ ବରଯାତ୍ରୀ ଓ ବାବା ବାଲୁଙ୍କେଶ୍ୱରଙ୍କ ପଟୁଆରରେ ଧରି ଆଗେ ଆଗେ କନ୍ୟାଘର ଅଭିମୁଖେ ଯାଇଥିଲେ। ବୈଦିକ ରୀତିରେ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଥିଲା। କୃଷ୍ଣଚନ୍ଦ୍ର ଦାସ କନ୍ୟାଦାନ କରିଥିଲେ। ବାଲୁଙ୍କେଶ୍ୱରଙ୍କ ମନ୍ଦିରରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରବିବାର ଦେବଦମ୍ପତି ମନ୍ଦିରରେ ପ୍ରବେଶ କରିବେ। ସେହିପରି ମୁଣ୍ଡମୁହାଣର ଗ୍ରାମେଶ୍ୱର ଦେବ, ନଁପୁଟ ନୀଳକଣ୍ଠେଶ୍ୱର ଓ ସୋମନାଥ ଦେବଙ୍କ ବିବାହ ଉତ୍ସବ ପାଳିତ ହୋଇଛି।

# ଶୈବପୀଠରେ ବିବାହ ଉତ୍ସବ

ଖୋର୍ଦ୍ଧା ଅଫିସ,୪।୬

ଖୋର୍ଦ୍ଧାର ବିଭିନ୍ନ ଶୈବପୀଠରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ବୈଦିକ ରୀତିନୀତିରେ ହର ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଛି। ଚଳିତବର୍ଷ କରୋନା ସଂକ୍ରମଣ ହ୍ରାସ ପରେ କଟକଣା କୋହଳ କରାଯାଇଛି। ଫଳରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ଲାଗି ସମସ୍ତ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଖୋର୍ଦ୍ଧାର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱର, ଲୋକନାଥ, ସ୍ୱପ୍ନେଶ୍ୱର, ସିଦ୍ଧେଶ୍ୱର, ଚନ୍ଦ୍ରଶେଖର, ତାରକେଶ୍ୱର, ଅତ୍ରିର ଏକାଦଶ ରୁଦ୍ର ହଟ୍ଟକେଶ୍ୱର, ଗୋଡ଼ା ଲୋକନାଥ, ଚଣ୍ଡେଶ୍ୱର, ଚିଲିକା ହରିପୁର ଶାସନସ୍ଥିତ ପଶ୍ଚିମାଶମ୍ଭୁ ଆଦି ପୀଠରେ ପରମ୍ପରା ଅନୁଯାୟୀ ହୋମଯଜ୍ଞପୂର୍ବକ ସମସ୍ତ ନୀତିକାନ୍ତି ସମାପନ କରାଯାଇଛି। ଦେବଦମ୍ପତିଙ୍କ ଜୟଜୟକାର ମନ୍ତ୍ର ଧ୍ୱନିରେ ପରିବେଶ ମୁଖରିତ ହୋଇଥିଲା। ଏହି ଅବସରରେ ଧବଳେଶ୍ୱର ପୀଠକୁ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ବିବାହୋତ୍ସବରେ ଆତସବାଜି ଫୁଟିଥିଲା। ଆଧାତ୍ମିକ ବାତାବରଣ ମଧ୍ୟରେ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ଦୁଇବର୍ଷ ପରେ ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ ଘଟିଥିଲା। ଏହି ଅବସରରେ ଧବଳେଶ୍ୱର ପୀଠରେ ଭଜନ ସମାରୋହ ଆୟୋଜିତ ହୋଇଥିଲା। ସମସ୍ତ ଦେବନୀତି ପରମ୍ପରା ଅନୁଯାୟୀ ସମାପନ ହୋଇଥିବା କମିଟି ସଦସ୍ୟ ଜିତେନ୍ଦ୍ର ସାହୁ କହିଛନ୍ତି। ସେହିଭଳି ହଟ୍ଟକେଶ୍ୱରଙ୍କ ପୀଠରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ବୈଦିକ ରୀତିରେ ସମସ୍ତ ନୀତିକାନ୍ତି ସମାପନ ହୋଇଥିବା ମନ୍ଦିର ମୁଖ୍ୟ ପରିଚାଳକ ଗୋପୀନାଥ ମହାପାତ୍ର କହିଛନ୍ତି। ଦେବଦମ୍ପତିଙ୍କ ବିବାହୋତ୍ସବରେ ସାମିଲ ହୋଇଥିବାରୁ ନିଜକୁ ଧନ୍ୟ ମନେ କରୁଛୁ ବୋଲି ଶ୍ରଦ୍ଧାଳୁମାନେ କହିଛନ୍ତି। ରବିବାର ଠାକୁର ପାଲିଙ୍କିରେ ବିଜେ ହୋଇ ଗ୍ରାମ ଏବଂ ନଗର ପରିକ୍ରମା କରି ଭକ୍ତଙ୍କୁ ଦର୍ଶନ ଦେବା ସହ ଭୋଗ ଖାଇ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଦେବଦମ୍ପତିଙ୍କୁ ପାଛୋଟିନେବା ଏବଂ ଘର ଆଗରେ ବନ୍ଦାପନା ଲାଗି ଭକ୍ତଙ୍କ ମହଲରେ ଉତ୍ସାହ ରହିଥିବା ଜଣାପଡ଼ିଛି।



## ୫ ମୋବାଇଲ ଫୋନ ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୪।୬(ବ୍ୟୁରୋ)

ରାଜଧାନୀର ବିଭିନ୍ନ ସ୍ଥାନରୁ ମୋବାଇଲ ଚୋରି କରି ଫେରାର ହୋଇଯାଉଥିବା ଅଭିଯୁକ୍ତକୁ ଗିରଫ କରିଛି ଲିଙ୍ଗରାଜ ଥାନା ପୋଲିସ। ସେ ହେଲେ ଡୁମଡୁମା ଅଞ୍ଚଳରେ ରହୁଥିବା ଗଞ୍ଜାମର ସୂର୍ଯ୍ୟ ନାରାୟଣ ସାହୁ (୨୨)। ତାଙ୍କଠାରୁ ବିଭିନ୍ନ କମ୍ପାନୀର ୫ ଦାମୀ ମୋବାଇଲ ଫୋନ ଜବତ କରାଯାଇଛି। ଏଥିସହ ଲିଙ୍ଗରାଜ ଥାନା ପୋଲିସ ମାମଲା (ନଂ.୫୮/୨୨)ରେ ରୁଜୁ କରି ଅଭିଯୁକ୍ତ ସୂର୍ଯ୍ୟକୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ନାମରେ ପୂର୍ବରୁ ଶହୀଦନଗର ଥାନାରେ ଗୋଟିଏ ମାମଲା ରହିଥିବା ତଦନ୍ତରୁ ଜଣାପଡିଛି।

## ୨ ମାଙ୍କଡ଼ା ପଥର ଟ୍ରାକ୍ଟର ଜବତ, ୩ ଗିରଫ







ଜବତ ୨ ଟ୍ରାକ୍ଟର ଏବଂ ଗିରଫ ଚାଳକ।

ନିରାକାରପୁର,୪।୬(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ ବଢ଼ିଚାଲିଛି। ବାରମ୍ବାର ପ୍ରଶାସନର ଚଢ଼ାଉ ସତ୍ତ୍ୱେ ମାଫିଆଙ୍କ ଉପରେ କୌଣସି ପ୍ରଭାବ ପଡୁନାହିଁ। ଶନିବାର ସ୍ଥାନୀୟ ପୋଲିସ ନୂଆଗଡ଼ ପଞ୍ଚାୟତ ଅନ୍ତର୍ଗତ ହରିପୁର ମୁଖ୍ୟରାସ୍ତା ପାର୍ଶ୍ୱ ଏକ ଖଣିରେ ଚଢ଼ାଉ କରି ଦୁଇଟି ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ନରେନ୍ଦ୍ର ପଲେଇ, ପ୍ରଶାନ୍ତ ପଲେଇ ଓ ସାନ ରାଉତପଡ଼ା ଗ୍ରାମର ହାଡ଼ିବନ୍ଧୁ ଗୁରୁ। ଏ ସମ୍ପର୍କରେ ଏକ ମାମଲା (ନଂ.୧୧୨/୨୨)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ସୂଚନା ଦେଇଛନ୍ତି।

## ୩ ରଥର ସମସ୍ତ ୪୨ ଚକ ନିର୍ମାଣ ଶେଷ

ପୁରୀ ଅଫିସ, ୪।୬

ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ତେବେ ୩୧ତମ ଦିବସରେ ତିନିରଥର ମୋଟ ୪୨ ଚକ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତିନିରଥର ୫ ଦଣ୍ଡାରେ ମୁହାଁଟ ଲାଗିଥିବା ବେଳେ ଆଗ ଏବଂ ପଛ ନିରାଡ଼ି ଉଠିଛି । ତିନିରଥର ଦୁଇଟି ଲେଖାଏ ଗରଗରା ଚଉପଟ ହୋଇ ବିନ୍ଧ କାର୍ଯ୍ୟ ଓ ଦୁଇଟି ଲେଖାଏ ଡମକ ଚଉପଟ କାର୍ଯ୍ୟ ଜାରି ରହିଛି। ଏଥିସହ ଦଣ୍ଡା ପ୍ରେମ ପ୍ରସ୍ତୁତି ଶେଷ ପରେ ଦଣ୍ଡା ପ୍ରେମରେ ସଂଯୋଗ ହୋଇଥିବା ଅଂଶଗୁଡିକର ନମ୍ବରିଂ ହୋଇ ଖୋଲାଯିବ। ରଥର ପ୍ରଥମ ପର୍ଯ୍ୟାୟ ଚକ, ଅଖ ନିର୍ମାଣ ପରେ ଦ୍ୱିତୀୟ ପର୍ଯ୍ୟାୟ ଦଣ୍ଡା ଫ୍ରେମରେ ରଥର ସମସ୍ତ ଭାର ବହନ କରେ। ତାଳଧ୍ୱଜ ରଥର ପାଞ୍ଚ ଦଣ୍ଡାରେ ମୁହାଁଟ ଲାଗି ହୋଇଥିଲା। ପରେ ସେଥିରେ ଆଗ ପଛ ନିରାଡ଼ି ଉଠି, ପାର୍ଶ୍ୱ ଦଣ୍ଡାରେ କୁତୁକା ଲାଗି ହୋଇ ପାର୍ଶ୍ୱ ନିରାଡ଼ି ଦୁଇପଟରେ ଲାଗିଛି। ଏଥିସହ ଦୁଇଟି ଗରଗରାରେ ବିନ୍ଧ କାର୍ଯ୍ୟ ଚାଲିବା ସହ ଦୁଇଟି ଡମକର ଚଉପଟ କାର୍ଯ୍ୟ ଜାରି ରହିଛି। ଏହି ଡମକ ଚାରି ନାହାକା ଏବଂ ଗୟଳକୁ ବାନ୍ଧି ରଖିଥାଏ।

## କେପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ : ଟ୍ରଫି ଫାଇଟର ବିଜୟୀ

ବୋଲଗଡ଼,୪।୬(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ମିନି ଷ୍ଟାଡିୟମଠାରେ ଶନିବାର ଆରମ୍ଭ ହୋଇଛି ଖଙ୍ଗୁରିଆ ପ୍ରିମିୟର ଲିଗ୍ (କେପିଏଲ)କ୍ରିକେଟ ଟୁର୍ନାମେଣ୍ଟ। ମା' ରାମଚଣ୍ଡୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଷ୍ଟର୍ମ ୱାରିୟରକୁ ହରାଇ ଟ୍ରଫି ଫାଇଟର ଟିମ୍ ବିଜୟୀ ହୋଇଛି। ଟସ୍ ଜିତି ଟ୍ରଫି ଫାଇଟର ଟିମ୍ ପ୍ରଥମେ ବୋଲିଂ ନିଷ୍ପତ୍ତି ନେବା ସହ ଷ୍ଟର୍ମ ୱାରିୟର ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୦୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଟ୍ରଫି ଫାଇଟର ଟିମ୍ ୯.୩ ଓଭରରେ ୫ ଉଇକେଟ ହରାଇ ୧୦୨ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ବଳଭଦ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବବୁ ଓ ସୋନୁ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଆୟୋଜକ କ୍ଲବର ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ।





କେପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଅତିଥି ଓ ଖେଳାଳିମାନେ।

## ରାମଲୀଳା, ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ





ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ।

ନିରାକାରପୁର, ୪।୬(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ତାପଙ୍ଗ ଷ୍ଟେଶନ ନିକଟ ନରଣଗଡ଼ ବଜାରରେ ରାମଲୀଳା ଓ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନରେନ୍ଦ୍ର ଛୋଟରାୟ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂହ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈକୁଣ୍ଠନାଥ ମାର୍ଥା, ଖୋର୍ଦ୍ଧା ବ୍ଲକ୍ ପୂର୍ବତନ ଉପାଧ୍ୟକ୍ଷା ନୟନୀ ସ୍ୱାଇଁ , ସ୍ଥାନୀୟ ସରପଞ୍ଚ ମିତାରାଣୀ ବେହେରା, ଧଉଳିମୁହଁ ସରପଞ୍ଚ ଶତ୍ରୁଘ୍ନ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସୌମ୍ୟରଞ୍ଜନ ହରିଚନ୍ଦନ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ପ୍ରଶାନ୍ତ କୁମାର ବିଦ୍ୟାଧର ଧନ୍ୟବାଦ ଦେଇଥିଲେ। ପ୍ରଥମ ସନ୍ଧ୍ୟାରେ ବାରଘର ପାଟଣା ଗ୍ରାମର ଜୟଦୁର୍ଗା ରମନାଟ୍ୟ ଅନୁଷ୍ଠାନ ଦ୍ୱାରା ନାଟକ ସୀତାଚୋରି ପରିବେଷଣ ହୋଇଥିଲା। ଉକ୍ତ ମଞ୍ଚରେ ଦୀର୍ଘ ୩୪ ବର୍ଷ ପରେ ରାମଲୀଳା ପ୍ରତିଯୋଗିତା ହେଉଥିବାରୁ ବହୁ ଦର୍ଶକଙ୍କ ଭିଡ଼ ଜମିଥିଲା। ଆସନ୍ତା ୮ ତାରିଖରେ ଏହି ପ୍ରତିଯୋଗିତା ଉଦ୍‌ଯାପନୀ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

# ଭୋଟର ତାଲିକା ଅନିୟମିତତା ଘଟଣା, ଧାରଣା ଦ୍ୱିତୀୟ ଦିନରେ

ବୋଲଗଡ଼,୪।୬(ଡି.ଏନ୍.ଏ.)

**ସମବାୟ ନିର୍ବାଚନ**

ବୋଲଗଡ଼ ବ୍ଲକ ଶ୍ରୀଚନ୍ଦନପୁର ପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତିର ପରିଚାଳନା ପରିଷଦ ନିର୍ବାଚନ ପାଇଁ ପ୍ରକାଶିତ ପ୍ରାଥମିକ ଭୋଟର ତାଲିକାରେ ଅନିୟମିତତା ହୋଇଥିବା ଅଭିଯୋଗରେ ଦିଆଯାଇଥିବା ଧାରଣା ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଖୋର୍ଦ୍ଧା ସହକାରୀ ସମବାୟ ନିବନ୍ଧକ ଅନନ୍ତ କୁମାର ନାୟକ, ରାଜସୁନାଖଳା ସ୍ଥିତ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ, ଏହି ସମିତିର ଏମଆଇସି, ନିର୍ବାଚନ ଅଧିକାରୀ ପ୍ରମୁଖ ପହଞ୍ଚି ଧାରଣକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ସୂଚନାଥାଉ କି, ଉକ୍ତ ସମିତିର ପରିଚାଳନା ପରିଷଦ ସଭ୍ୟ ପଦବୀ ପାଇଁ ଜୁନ ୨୬ରେ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଏଥିପାଇଁ ନାମାଙ୍କନପତ୍ର ଦାଖଲ ତାରିଖ ଜୁନ ୫କୁ ରହିଛି। ତେବେ ଏପର୍ଯ୍ୟନ୍ତ ସମିତିର ନିର୍ବାଚନ ପାଇଁ ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ ହୋଇପାରିନଥିବାରୁ ଧାରଣକାରୀଙ୍କ ପକ୍ଷରୁ ଏକ ଲିଖିତ ଅଭିଯୋଗ ଶନିବାର ଆସିଥିବା ଉପରୋକ୍ତ ଅଧିକାରୀଙ୍କୁ ରମେଶ ଚନ୍ଦ୍ର ଖଟାଇ, ନିରଞ୍ଜନ ସାହୁ, ଚନ୍ଦ୍ର ଶେଖର ଚମ୍ପତି ପ୍ରମୁଖ ପ୍ରଦାନ କରିଛନ୍ତି।



ଅଧିକାରୀମାନେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ପୁଅ ମୃତଦେହ ଫେରାଇ ଆଣିବାକୁ ନିବେଦନ

ଖୋର୍ଦ୍ଧା ଅଫିସ,୪।୬

- ଅଧିକ ରୋଜଗାର ଆଶାରେ ଯାଇ ପ୍ରାଣ ହରାଇଲେ
- ମୃତଦେହ ହସ୍ତାନ୍ତର ଲାଗି ଲକ୍ଷାଧିକ ଟଙ୍କା ଦାବି କରୁଛି ସଂସ୍ଥା
- ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ

ହାଇଦ୍ରାବାଦର ଏକ ଘରୋଇ କମ୍ପାନୀ କର୍ତ୍ତୃପକ୍ଷ ଜଣେ ଯୁବକଙ୍କ ମୃତଦେହ ହସ୍ତାନ୍ତର ଲାଗି ଲକ୍ଷାଧିକ ଟଙ୍କା ଦାବି କରୁଛନ୍ତି। ଅସହାୟ ମା' ଓ ପରିବାର ପୁଅର ମୃତଦେହ ଫେରାଇ ଆଣିବା ପାଇଁ ଜିଲା ପ୍ରଶାସନ ନିକଟରେ ନେହୁରା ହେଉଛନ୍ତି। ଶନିବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ପୁଅର ମୃତଦେହ ଫେରାଇ ଆଣିବା ଲାଗି ଜିଲାପାଳଙ୍କ ନିକଟରେ ପରିବାର ଲୋକେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ଟାଙ୍ଗୀ ବ୍ଲକ ସୋରଣ ଗ୍ରାମର କାଳିଆ ସାମନ୍ତରା ସେହି ଗ୍ରାମର ଅନ୍ୟ ଜଣେ ଯୁବକଙ୍କ ପ୍ରରୋଚନାରେ ପଡ଼ି ଅଧିକ ରୋଜଗାର ଆଶାରେ ଦେଢ଼ମାସ ତଳେ ହାଇଦ୍ରାବାଦ ଯାଇଥିଲେ। ସେଠାରେ ଏକ କମ୍ପାନୀରେ କାମ କରୁଥିଲେ। ତିନିଦିନ ପୂର୍ବେ ସେ କେଉଁଆଡ଼େ ନିଖୋଜ ହୋଇଯାଇଥିବା ନେଇ କାଳିଆଙ୍କୁ ସାଥିରେ ନେଇ ଯାଇଥିବା ଯୁବକଙ୍କଠାରୁ ପରିବାର ଲୋକେ ଖବର ପାଇଥିଲେ। ଏନେଇ ପରିବାର ଲୋକେ କାଳିଆଙ୍କ ମୋବାଇଲକୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ଶୁକ୍ରବାର କାଳିଆଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ପରିବାର ଲୋକେ ସୂଚନା ପାଇଥିଲେ। ତେବେ ସେଠାରୁ ପୁଅର ମୃତଦେହ ଛାଡ଼ିବାକୁ ସେମାନେ ଅଧିକ ଟଙ୍କା ଦାବି କରୁଥିବା ମୃତକଙ୍କ ମା' କୁମାରୀ ସାମନ୍ତରା ଅଭିଯୋଗରେ ଦର୍ଶାଇଛନ୍ତି। ସେମାନଙ୍କ ଦାବି ମୁତାବକ ଟଙ୍କା ଦେବାକୁ ସକ୍ଷମ ନୁହଁ। କାଳିଆଙ୍କର ଏକ ୧୨ ବର୍ଷର ପୁଅ ଏବଂ ପତ୍ନୀ ଅଛନ୍ତି। ସେଠାରେ କାଳିଆଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରୁଥିବା କୁମାରୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ପୁଅକୁ ସାଥିରେ ନେଇ ଯାଇଥିବା ଯୁବକଙ୍କୁ ବାରମ୍ବାର ପଚାରିଲେ ମଧ୍ୟ ସେ ଅନେକ କଥା ଲୁଚାଉଥିବା ସନ୍ଦେହ ହେଉଛି। ପୁଅର ମୃତଦେହ ଘରକୁ ଫେରାଇ ଆଣିବା ପାଇଁ ପରିବାର ଆକୁଳ ନିବେଦନ କରିଛନ୍ତି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କୁହନ୍ତି, ଏନେଇ ଜିଲା ଶ୍ରମ ଅଧିକାରୀଙ୍କୁ ଘଟଣାର ତଦନ୍ତ ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ମଣ୍ଡଳ ଶ୍ରମ ଆୟୁକ୍ତ ପ୍ରଣବ ପାତ୍ର କୁହନ୍ତି, ଏ ସମ୍ପର୍କରେ ସବିଶେଷ ରିପୋର୍ଟ ପ୍ରଦାନ ଲାଗି ବାଲୁଗାଁ ଶ୍ରମ ଅଧିକାରୀଙ୍କୁ ପରାମର୍ଶ ଦେଇଛି। ସୋମବାର ଏଥିଲାଗି ପଦକ୍ଷେପ ଗ୍ରହଣ କରାଯିବ। ମୃତଦେହ ଫେରାଇ ଆଣିବା ଲାଗିପ୍ରୟାସକରାଯିବବୋଲିସେକହିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ମୃତକଙ୍କ ପରିବାର।

**ଅର୍ବାନ ମୁକ୍ତା ଯୋଜନା ଦ୍ୱାରା ପାର୍କର ନବୀକରଣ**

ପୁରୀ ଅଫିସ- ବାଲିନୋଳିଆ ସାହିରେ ଥିବା ମା' ପଲାମା ଠାକୁରାଣୀ ମନ୍ଦିରରେ ସରକାରଙ୍କ ଦ୍ୱାରା ଅର୍ବାନ ମୁକ୍ତା ଯୋଜନାରେ ଏକ ପାର୍କର ନବୀକରଣ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ରୂପେ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଯୋଗଦାନ କରି ପାର୍କର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୌରସଂସ୍ଥାର ଅଧିକାରୀ ଓ ମନ୍ଦିରର କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ବି.ରାମ ରାଓ, ସମ୍ପାଦକ ପି. ଶିବ ରାଓ, ସାମାଜିକ କର୍ମୀ ଜି.ବାପି, ଏସ୍. ଶିବପ୍ରସାଦ, ଜି. ଗଣେଶ, ଜି. ସୁରେଶ, ଜି. ରମେଶ, ଏ. ଗଣେଶ, ଏସ. ମଦନ, ଏନ. କୁମାର, ଦେବରାଜ ବେହେରା ଓ ମା' ପଲାମା ସେବା ସମିତିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଘରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି

ନିମାପଡ଼ା,୪।୬(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ତେରୁଣ୍ଡିଆ ପଞ୍ଚାୟତର ଜାଗେଶ୍ୱରପୁର ଗ୍ରାମର କେଶବ କାଣ୍ଡିଙ୍କ ଘରୁ ଶୁକ୍ରବାର ଚୋରି ହୋଇଥିବା ନେଇ ସେ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଘରୁ ଗୋଟେ ସୁନା ଚେନ୍, ୫ଟି ସୁନା ମୁଦି, ମଙ୍ଗଳସୂତ୍ର ସମେତ ଲକ୍ଷାଧିକ ଟଙ୍କାର ସୁନା, ରୁପା ଗହଣା, ପିତଳ ବାସନକୁସନ, ଶାଢ଼ି ସମେତ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଆସବାବପତ୍ର ଚୋରି ହୋଇଥିବା କେଶବ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, କେଶବ ଓ ତାଙ୍କ ପରିବାର ରାତିରେ ଖାଇସାରି ଶୋଇଥିବାବେଳେ କେହି ଦୁର୍ବୃତ୍ତ ତାଙ୍କ ଘର ପଛ କବାଟ ତାଲା ଭାଙ୍ଗି ଘରେ ପଶି କଳାକନା ବୁଲାଇଛନ୍ତି। କେଶବ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

### ମା', ପୁଅଙ୍କୁ ଆକ୍ରମଣ, ୫ ଗିରଫ

ବଳଙ୍ଗା,୪।୬(ଡି.ଏନ୍.ଏ.): ବଳଙ୍ଗା ଥାନା ଅନ୍ତର୍ଗତ ପାର୍ବତୀପୁର ଗ୍ରାମରେ ଜଣଙ୍କ ଘରେ ପଶି ମା' ଏବଂ ପୁଅକୁ ମାଡ଼ ମାରି ଆହତ କରିବା ଅଭିଯୋଗରେ ପୋଲିସ ଫେରାର ଥିବା ୫ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ଗଦାଧର ବରାଳ, ମାଧବ ବରାଳ, ରୀତା ସେନାପତି, ସଦାଶିବ ବରାଳ ଏବଂ ସଂଯୁକ୍ତା ପ୍ରଧାନ। ଏନେଇ ପୋଲିସ ଏକ ମାମଲା (କେସ୍ ନଂ. ୨୬/୨୨) ରୁଜୁ କରିଛି। ସୂଚନା ମୁତାବକ, ଫେବୃଆରୀ ୨୧ରେ ଲାବଣ୍ୟ ବରାଳ (୬୧)ଙ୍କ ଘରେ ପଡିଶାର ୫ଜଣ ପଶି ମା' ଏବଂ ପୁଅଙ୍କୁ ମାଡ ମାରି ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଲାବଣ୍ୟ ପରଦିନ ଥାନାରେ ଅଭିଯୋଗ କରିଥିଲେ। ତେବେ ୨ ଦିନ ତଳେ ଅଭିଯୁକ୍ତମାନେ ଗାଁକୁ ଆସିଥିବା ଖବର ପାଇବା ପରେ ଶୁକ୍ରବାର ରାତିରେ ଗ୍ରାମରେ ଚଢ଼ାଉ କରି ସମସ୍ତଙ୍କୁ ଗିରଫ କରିଥିଲେ।

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ବଳଙ୍ଗା,୪।୬(ଡି.ଏନ୍.ଏ.): ବଳଙ୍ଗା ଥାନା ଅନିପୁର ଗ୍ରାମର ସୁଶାନ୍ତ ପରିଡ଼ାଙ୍କ ସ୍ତ୍ରୀଙ୍କୁ ଶନିବାର ଭୋର ୫ଟା ସମୟରେ ଜଣେ ବ୍ୟକ୍ତି ଅସଦାଚରଣ କରିଥିବା ସତ୍ୟଭାମା ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ବିଦ୍ୟାଧର ପରିଡ଼ା। ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସତ୍ୟଭାମା ଭୋର ସମୟରେ ଭାର୍ଗବୀ ନଦୀକୁ ଶୌଚ ହେବାକୁ ଯାଇଥିବାବେଳେ ବିଦ୍ୟାଧର ପଛପଟୁ ଆସି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସତ୍ୟଭାମା ବିରୋଧ କରିବାରୁ ବିଦ୍ୟାଧର ତାଙ୍କୁ ମାଡ ମାରିଥିଲେ। ସତ୍ୟଭାମା ଚିତ୍କାର କରିବାରୁ ବିଦ୍ୟାଧର ସେଠାରୁ ପଳାଇଯାଇଥିଲେ।

### ୨ ପାଇପ ଚୋର ଗିରଫ, ଟ୍ରକ ଜବତ

ସାକ୍ଷୀଗୋପାଳ,୪।୬(ଡି.ଏନ୍.ଏ./ସ୍ୱ.ପ୍ର.): ସତ୍ୟବାଦୀ ବ୍ଳକ ଆଲିସ ପଞ୍ଚାୟତର ଚୁରାଳିସ୍ଥିତ ଏକ ଷ୍ଟକ ୟାର୍ଡରୁ ଲୁହା ପାଇପ ଚୋରି ମାମଲାରେ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ପାତ୍ରପଡା ଗ୍ରାମର ବାବୁଲି ସ୍ୱାଇଁ ଓ ପୁରୀ ସଦର ଅଞ୍ଚଳର ଲକ୍ଷ୍ମଣ ପ୍ରଧାନ। ଏହି ମାମଲାରେ ସଂଶ୍ଳିଷ୍ଟ ଏକ କାରଗୋ ଟ୍ରକ୍ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୧୬୦/୨୨) ଜବତ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ପୁରୀ ଜିଲାର ସତ୍ୟବାଦୀ, ବ୍ରହ୍ମଗିରି, କଣାସ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଜିଭିପିଆର ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଚୁରାଳିଠାରେ ଟାଇପ ଷ୍ଟକ ୟାର୍ଡ କରାଯାଇଛି। ଗତ ସପ୍ତାହରେ ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଏଠାରୁ ଲୁହା ପାଇପ ଚୋରି ହୋଇଥିବା ନେଇ କମ୍ପାନୀ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରି ବାବୁଲି ଓ ଲକ୍ଷ୍ମଣଙ୍କୁ ଗିରଫ କରିଥିଲା।

### ହରିହର ବିଦ୍ୟାପୀଠରେ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

ବ୍ରହ୍ମଗିରି,୪।୬(ଡି.ଏନ୍.ଏ.): କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପଣସପଦାସ୍ଥିତ ହରିହର ନୋଡାଲ ବିଦ୍ୟାପୀଠର ୨ ଦିନିଆ ପାଳିତ ହେଉଥିବା ସୁବର୍ଣ୍ଣ ଜୟନ୍ତୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଗଣେଶୀ ଲାଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେବା ସହ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଅନ୍ୟ ଅତିଥି ଭାବେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ପାର୍ବତୀଙ୍କ ସହ ମହାଦେବଙ୍କ ବିବାହ ସମ୍ପନ୍ନ

ପୁରୀ ଅଫିସ,୪।୬

ସହର ଓ ଉପକଣ୍ଠସ୍ଥିତ ବିଭିନ୍ନ ଶୈବ ପୀଠରେ ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଶନିବାର ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାତା ପାର୍ବତୀଙ୍କୁ ଶିବ ବିବାହ କରିଛନ୍ତି। ବିବାହ ପାଇଁ ଶିବ ବର ବେଶରେ ସଜ୍ଜିତ ହୋଇ ବରଯାତ୍ରୀଙ୍କ ସହ ପାର୍ବତୀଙ୍କ ମନ୍ଦିରରେ ପହଞ୍ଚିଥିଲେ। ବିଭିନ୍ନ ଶୈବ ପୀଠ ପକ୍ଷରୁ ବରଯାତ୍ରୀଙ୍କ ସମାରୋହରେ ଘଣ୍ଟବାଦ୍ୟ, ନୃତ୍ୟଗୀତ ଓ ବାଜା ରୋଶଣି ସହକାରେ ବରବେଶରେ ସଜ୍ଜିତ ମହାଦେବ ପାର୍ବତୀଙ୍କ ମନ୍ଦିରରେ ପହଞ୍ଚିବା ପରେ ଉଭୟଙ୍କ ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ମାତା ପାର୍ବତୀ ଓ ମହାଦେବଙ୍କ ପକ୍ଷରୁ ବିଭିନ୍ନ ଶୈବପୀଠର କର୍ମକର୍ତ୍ତାମାନେ ବର ଓ କନ୍ୟା ପିତା ସାଜି ବାହାଘରରେ ଉପସ୍ଥିତ ଥିଲେ। ବ୍ରାହ୍ମଣଙ୍କ ମନ୍ତ୍ରରେ ଉଭୟଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଛି। ସେଥିପାଇଁ ବିଭିନ୍ନ ଶୈବପୀଠକୁ ଉଜ୍ଜ୍ୱଳ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଏହି ପରିପେକ୍ଷୀରେ ପୁରୀ ସହରର ଉପକଣ୍ଠରେ ଥିବା ମୁକୁନ୍ଦନଗରର ଆରାଧ୍ୟ ମୁକୁନ୍ଦେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଛି। ମୁକୁନ୍ଦମିଶ୍ର ନଗରର ସ୍ଥାୟୀ ସଭାପତି ଜଗଦାନନ୍ଦ ମିଶ୍ରଙ୍କ କହିବା ଅନୁଯାୟୀ, ଦୁଇ ବର୍ଷ ହେବ କରୋନା କାରଣରୁ ମହାଦେବଙ୍କ ବିବାହ ଉତ୍ସବ ଜାକଜମକରେ ହୋଇପାରି ନ ଥିଲା। ଚଳିତଥର ବିଭିନ୍ନ ପାରମ୍ପରିକ ବାଦ୍ୟଯନ୍ତ୍ର, ସଂକୀର୍ତ୍ତନ, ସମରକଳା, ନୃତ୍ୟ ସହ ମୁକୁନ୍ଦେଶ୍ୱର ମହାଦେବଙ୍କ ବରଯାତ୍ରୀ ବାହାରିଥିଲା। ବରଯାତ୍ରୀରେ ନଗରର ବାସିନ୍ଦାମାନେ ସାମିଲ ହୋଇଥିଲେ। ବରଯାତ୍ରୀ ମନ୍ଦିରରେ ପହଞ୍ଚିବା ପରେ ମହାଦେବଙ୍କୁ ମନ୍ଦିର ମଧ୍ୟକୁ ପାଛୋଟି ନିଆଯାଇଥିଲା। ପରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ରବିବାର ଶୀତଳଷଷ୍ଠୀ ଅବସରରେ ନବ ଦେବଦମ୍ପତି ନଗର ପରିକ୍ରମା କରିବା ସହ ଦୁଆରୁ ପନ୍ତି ଭୋଗ ମହୋଣି ହେବେ। ସମସ୍ତ କାର୍ଯ୍ୟକୁ ନଗରର ସମ୍ପାଦକଙ୍କ ସମେତ ନଗରବାସୀ ପରିଚାଳନାରେ ସହଯୋଗ କରିଥିଲେ।


ପୁରୀର ବାବା ମୁକୁନ୍ଦେଶ୍ୱରଙ୍କ ବିବାହ ନୀତି ।

## ଆତସବାଜିରେ ଦୁଲୁକିଲା ଶୈବପୀଠ

କଣାସ/ପିପିଲି,୪।୬(ସ୍ୱ.ପ୍ର):

କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମର ଆରାଧ୍ୟ ଠାକୁର ବାବା କପିଳେଶ୍ୱର ଦେବ ଏବଂ ମାତା ପାର୍ବତୀଙ୍କ ବିବାହ ଉତ୍ସବ ହୋଇଯାଇଛି। ଉତ୍ସବରେ ବର ପିତା ଭାବେ ବିଶ୍ୱନାଥ ତ୍ରିପାଠୀ ଏବଂ କନ୍ୟା ପିତା ଭାବେ ବ୍ରଜବନ୍ଧୁ ପାଣି ଯୋଗଦେଇ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଗ୍ରାମବାସୀ ବିବାହ ଉତ୍ସବରେ ଆତସବାଜି ପ୍ରଦର୍ଶନ କରିଥିଲେ। ରବିବାର ଶୀତଳ ଷଷ୍ଠୀ ଉତ୍ସବ ଉପଲକ୍ଷେ ବାବା କପିଳେଶ୍ୱର ଦେବ ବୃଷଭ ବାହନରେ ମାତା ପାର୍ବତୀଙ୍କ ସହ ସୁସଜ୍ଜିତ ଚଉଦୋଳରେ ବସି ଗ୍ରାମ ପରିକ୍ରମା କରି ଦୁଆରି ଭୋଗ ଖାଇବା ପରେ ବାଣପଡିଆକୁ ଯାଇ ସେଠାରେ ବର ଓ କନ୍ୟାଙ୍କ ମଧ୍ୟରେ ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ପିପିଲି ବଜାରସ୍ଥିତ ପ୍ରଭୁ ଶ୍ରୀଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ବିବାହ ସମ୍ପନ୍ନ ହୋଇଛି। ପୂଜା କମିଟିର ତତ୍ତ୍ୱାବଧାନରେ ମା' ପଢ଼େଇଶୁଣୀ ଠାକୁରାଣୀଙ୍କ ପୀଠରେ ଦିଅଁମଙ୍ଗୁଳା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ବାଲୁଙ୍କେଶ୍ୱରଦେବ ଶୋଭାଯାତ୍ରାରେ ବରଯାତ୍ରୀଙ୍କ ସହ ମନ୍ଦିରରେ ପହଞ୍ଚିଥିଲେ। ସନ୍ଧ୍ୟାରେ ଶ୍ରୀବାଲୁଙ୍କେଶ୍ୱରଙ୍କ ସହ ପାର୍ବତୀଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। କନ୍ୟା ପିତା ଭାବେ ମନୋଜ ପ୍ରଧାନ ଏବଂ ବରପିତା ଭାବେ ଦୀନବନ୍ଧୁ ମହାନ୍ତି ଦାୟିତ୍ୱ ନେଇଥିଲେ। ଏହି ଅବସରରେ ପ୍ରାଚୀ ସଙ୍ଗୀତ ବିଦ୍ୟାଳୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ସବକୁ କମିଟିର ମୁଖ୍ୟ ଉପଦେଷ୍ଟା ପ୍ରଫୁଲ୍ଲଚନ୍ଦ୍ର ପଣ୍ଡା, ସଭାପତି ପ୍ରଭାକର ପଣ୍ଡା, ଉପସଭାପତି ଆଡ୍‌ଭୋକେଟ୍ ସୁଧୀର କୁମାର ମହାନ୍ତି, ସମ୍ପାଦକ ସମୀର ଦାଶ ପ୍ରମୁଖ ପରିଚାଳନା କରିଥିଲେ।


ପିପିଲିସ୍ଥିତ ତ୍ରିଲୋଚନପୁର ଗ୍ରାମର ବାବା କପିଳେଶ୍ୱର ଦେବଙ୍କୁ ଗ୍ରାମବାସୀ ବରଯାତ୍ରୀରେ ନେଉଛନ୍ତି ।

## ରଥଖଳାରୁ

### ୩ ରଥର ସମସ୍ତ ୪୨ ଚକ ନିର୍ମାଣ ଶେଷ



ପୁରୀ ଅଫିସ, ୪।୬

ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ତେବେ ୩୧ତମ ଦିବସରେ ତିନିରଥର ମୋଟ ୪୨ ଚକ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତିନିରଥର ୫ ଦଣ୍ଡାରେ ମୁହାଁଟ ଲାଗିଥିବା ବେଳେ ଆଗ ଏବଂ ପଛ ନିରାଡ଼ି ଉଠିଛି । ତିନିରଥର ଦୁଇଟି ଲେଖାଏ ଗରଗରା ଚଉପଟ ହୋଇ ବିନ୍ଧ କାର୍ଯ୍ୟ ଓ ଦୁଇଟି ଲେଖାଏ ଡମକ ଚଉପଟ କାର୍ଯ୍ୟ ଜାରି ରହିଛି। ଏଥିସହ ଦଣ୍ଡା ଫ୍ରେମ ପ୍ରସ୍ତୁତି ଶେଷ ପରେ ଦଣ୍ଡା ଫ୍ରେମରେ ସଂଯୋଗ ହୋଇଥିବା ଅଂଶଗୁଡିକର ନମ୍ବରିଂ ହୋଇ ଖୋଲାଯିବ। ରଥର ପ୍ରଥମ ପର୍ଯ୍ୟାୟ ଚକ, ଅଖ ନିର୍ମାଣ ପରେ ଦ୍ୱିତୀୟ ପର୍ଯ୍ୟାୟ ଦଣ୍ଡା ଫ୍ରେମରେ ରଥର ସମସ୍ତ ଭାର ବହନ କରେ। ତାଳଧ୍ୱଜ ରଥର ପାଞ୍ଚ ଦଣ୍ଡାରେ ମୁହାଁଟ ଲାଗି ହୋଇଥିଲା। ପରେ ସେଥିରେ ଆଗ ପଛ ନିରାଡ଼ି ଉଠି, ପାର୍ଶ୍ୱ ଦଣ୍ଡାରେ କୁଡୁକା ଲାଗି ହୋଇ ପାର୍ଶ୍ୱ ନିରାଡ଼ି ଦୁଇପଟରେ ଲାଗିଛି। ଏଥିସହ ଦୁଇଟି ଗରଗରାରେ ବିନ୍ଧ କାର୍ଯ୍ୟ ଚାଲିବା ସହ ଦୁଇଟି ଡମକର ଚଉପଟ କାର୍ଯ୍ୟ ଜାରି ରହିଛି। ଏହି ଡମକ ଚାରି ନାହାକା ଏବଂ ଗୟଳକୁ ବାନ୍ଧି ରଖିଥାଏ। ଦେବଦଳନ ରଥର ୧୨ତମ ଚକ ବା ଶେଷ ଚକ ନିର୍ମାଣ ସରିଛି। ଏତଦ୍‌ବ୍ୟତୀତ ଦେବଦଳନ ରଥର ପାଞ୍ଚ ଦଣ୍ଡାରେ ମୁହାଁଟ ଲାଗି ହୋଇ ଆଗ ପଛ ନିରାଡ଼ି ଉଠିଥିଲା। ପାର୍ଶ୍ୱଦଣ୍ଡାରେ କୁଡୁକା ଲାଗି ହୋଇ ପାର୍ଶ୍ୱ ନିରାଡ଼ି ଦୁଇପଟ ଲାଗିଛି। ଏଥିସହ ଦୁଇଟି ଗରଗରାରେ ବିନ୍ଧ କାର୍ଯ୍ୟ ଚାଲିବା ସହ ୨ଟି ଡମକର ଚଉପଟ କାର୍ଯ୍ୟ ଚାଲିଛି। ଏଥିସହ ପୋଲ-ଗୟଳ ଚିରଟ ପାଇଁ କରତି ସେବକ ପୋଲ ଗୟଳ କାଠର ଉଭୟ ପାର୍ଶ୍ୱ ବାଟିସିରେ ଚାଞ୍ଛି ସମତଳ କରି ଚିରଟ ଦାଗ ଦେଇଛନ୍ତି। ନନ୍ଦିଘୋଷ ରଥର ପଞ୍ଚ ଦଣ୍ଡାରେ ମୁହାଁଟ ଲାଗି ହୋଇ ଆଗ, ପଛ ନିରାଡ଼ି ଉଠିଥିଲା। ପରେ ପାର୍ଶ୍ୱ ଦଣ୍ଡାରେ କୁଡୁକା ଲାଗି ହୋଇ ପାର୍ଶ୍ୱ ନିରାଡ଼ି ଦୁଇପଟରେ ଲାଗିଛି। ଏଥିସହ ଦୁଇଟି ଗରଗରାରେ ବିନ୍ଧ କାର୍ଯ୍ୟ ସହ ଦୁଇଟି ଡମକର ଚଉପଟ କାର୍ଯ୍ୟ ଜାରି ରହିଛି। ତିନିରଥର ରୂପକାର ସେବକମାନେ ସାଲ ଗୁଜ, ତିଖ ଗୁଜରେ ରୂପ ଖୋଦେଇ ଶେଷ କରି ରଥର ସିଂହାସନରେ ଡାଲି ଲତା ଏବଂ କୁମ୍ଭ ଖୋଦେଇ ଆରମ୍ଭ କରିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତିନିରଥର ଦଣ୍ଡା କଣ୍ଟା, ଗରଗରା କଣ୍ଟା ଏବଂ ଗୟଳ କଣ୍ଟା ନିର୍ମାଣ ଶେଷ ପରେ ଭୁଇଁ କଣ୍ଟା, ଯୋଖା କଣ୍ଟା ଏବଂ ଚଣାକ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ୭ ମାସ ହେବ ଗରିବ ହିତାଧିକାରୀଙ୍କୁ ମିଳୁନି ଗହମ

**ବ୍ଲକ ଅଫିସ ସମ୍ମୁଖରେ ଭାଜପା କର୍ମୀଙ୍କ ଧାରଣା**

ନିମାପଡ଼ା,୪।୬(ଡି.ଏନ୍.ଏ.):

ପ୍ରଧାନମନ୍ତ୍ରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ଗରିବ ହିତାଧିକାରୀ ବଞ୍ଚିତ, ଯୋଗାଣ ବିଭାଗର ଅପରିପକ୍ୱତା ପ୍ରତିବାଦରେ ନିମାପଡ଼ା ଭାଜପା ମଣ୍ଡଳ ପକ୍ଷରୁ ଶତାଧିକ ଦଳୀୟ କର୍ମୀ ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଭାରେ ଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ନିରଞ୍ଜନ ନାୟକ, ଅଜୟ ପରିଡ଼ା, ସ୍ୱପ୍ନ କୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏଥିରେ ନିମାପଡ଼ା ବ୍ଲକ ସମେତ ସମଗ୍ର ପୁରୀ ଜିଲାରେ ୭ ମାସ ଧରି ଗରିବ ହିତାଧିକାରୀଙ୍କୁ ଗହମ ଯୋଗାଇ ଦିଆ ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ ବୋଲି ଭାଜପା ନେତୃବୃନ୍ଦମାନେ କହିଥିଲେ। ଆଗାମୀ ୫ ଦିନ ମଧ୍ୟରେ ହିତାଧିକାରୀଙ୍କୁ ଗହମ ଯୋଗାଇ ଦିଆ ନ ଗଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ଭାଜପା ରାଜ୍ୟ ଉପସଭାପତି, ମାନସ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏହି ଅବସରରେ ଦଳ ପକ୍ଷରୁ ଏକ ସ୍ମାରକପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ବସନ୍ତ କୁମାର ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି।


ବିଭିନ୍ନ ଦାବି ନେଇ ଭାଜପା ପକ୍ଷରୁ ବ୍ଲକ ଅଫିସ ଆଗରେ ଧାରଣାରେ ବସିଛନ୍ତି ।

## ନବଦୁର୍ଗା ବିଗ୍ରହ ପ୍ରତିଷ୍ଠା, ହୋମଯଜ୍ଞ

ପୁରୀ ଅଫିସ,୪।୬

ମରିଚିକୋଟ ଛକସ୍ଥିତ ଶ୍ରୀକ୍ଷେତ୍ରର ଅନ୍ୟତମ ପ୍ରମୁଖ ଦେବୀ ମା' ମରିଚେଇ ଠାକୁରାଣୀଙ୍କ ନବଦୁର୍ଗା ବିଗ୍ରହ ପ୍ରତିଷ୍ଠା ଓ ହୋମଯଜ୍ଞ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି। ୪ଦିନ ବ୍ୟାପୀ ମା'ଙ୍କ ପୀଠରେ ଅଙ୍କୁରାରୋପଣ, ନବଦୁର୍ଗା ଗର୍ଭଧାରଣ, ଶାଳମଣ୍ଡପ ଅଧିବାସ, ଶୁଭାଧିବାସ, ଜଳଯାତ୍ରା, ଗଙ୍ଗାବରଣ ପ୍ରତିଷ୍ଠା, ଶାଳମଣ୍ଡପ ସଂସ୍କାର ପୂଜନ, ଅଗ୍ନି ସଂସ୍କାର, ଆହୁତି, ଆରତି, ପୁଷ୍ପାଞ୍ଜଳି, ସୂର୍ଯ୍ୟପୂଜା, ଗୋ ପୂଜା, ନବଦୁର୍ଗା ପ୍ରାଣ ପ୍ରତିଷ୍ଠା, ସିଂହାସନ ଆରୋହଣ ଆଦି ସମ୍ପାଦନ ହୋଇଥିଲା। ମରିଚିମଣ୍ଡପ ପରିଚାଳନା କମିଟି ପକ୍ଷରୁ ଆୟୋଜିତ ପୂର୍ଣ୍ଣାହୁତି ଓ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବରିଷ୍ଠ ସେବାୟତ ନାରାୟଣ ପୁଷ୍ପାଳକ, ସାହିନାୟକ ନାରାୟଣ ମହାପାତ୍ର, ଜଗନ୍ନାଥ ମହାପାତ୍ର, ସୀତାରାମ ଚନ୍ଦୁକା ଓ ପାଣ୍ଡବ ଦାସଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଏକ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କଣ୍ଠଶିଳ୍ପୀ ମାନସୀ ପାତ୍ର, ବସନ୍ତ କୁମାର ପାତ୍ର, ଦେବାଂଶୀ ଦାସ, ଫୁଲରାଣୀ ଜେନା, କୁମାର ଜିତ୍, ହିମାଂଶୁ କୁମାର, ଭବେଶ ବରାଳ ପ୍ରମୁଖ ଭକ୍ତି ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ଓ ଗଣେଶ ମହାପାତ୍ର ସଂଯୋଜନା କରିଥିଲେ। ମନ୍ଦିର ପରିଚାଳନା କମିଟିର ସଭାପତି ଭଗବାନ ପୁଷ୍ପାଳକ ଓ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗ୍ରାମାଞ୍ଚଳର କଳା, ସଂସ୍କୃତିକୁ ଉଜ୍ଜୀବିତ ରଖିବାକୁ କଳା ପ୍ରଦର୍ଶନ

**୪ର୍ଥ ବାର୍ଷିକ ଉମା ମହୋତ୍ସବ**

କୋଣାର୍କ,୪।୬(ଡି.ଏନ୍.ଏ.)

କୋଣାର୍କ ଥାନା ବନାଖଣ୍ଡି ପଞ୍ଚାୟତର ବିରିପଦା ଗ୍ରାମରେ ବାବା ନୀଳକଣ୍ଠେଶ୍ୱର ଡ୍ରାମାଟିକ କ୍ଲବ ଆନୁକୂଲ୍ୟରେ ଶନିବାର ୪ର୍ଥ ବାର୍ଷିକ ଉମା ମହୋତ୍ସବ ପାଳିତ ହୋଇଯାଇଛି। ବିରିପଦା ଗ୍ରାମ କମିଟି ସଭାପତି ଦେବେନ୍ଦ୍ର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କାକଟପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ଯୋଗଦେଇଥିଲେ। ଗ୍ରାମାଞ୍ଚଳର କଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ନୀଳକଣ୍ଠେଶ୍ୱର ଡ୍ରାମାଟିକ କ୍ଲବ ପକ୍ଷରୁ କଳା ପରିବେଷଣ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ପୂର୍ବତନ ବିଧାୟକ ସେଠୀ କହିଥିଲେ। ସମ୍ମାନିତ ଅତିଥି ଗୋପ ବ୍ଲକର ଉପାଧ୍ୟକ୍ଷ ବନ ରଞ୍ଜନ ପଟ୍ଟନାୟକ, ବନାଖଣ୍ଡି ସମିତିସଭ୍ୟ ଭାରତୀ ମଲ୍ଲିକ, ପ୍ରଫୁଲ୍ଲ ପାତ୍ର ପ୍ରମୁଖ ଯୋଗଦେଇଥିଲେ। କ୍ଲବ ପକ୍ଷରୁ ନାଟକ 'କହି ଦେଲେ କଥା ସରିଯିବ' ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ଲବର ସଦସ୍ୟ, ରଞ୍ଜନ ପାଢୀ ଓ ମିଟୁ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## 'ସଙ୍ଗୀତ ଆମ ଅତୀତକୁ ମନେପକାଏ'

ଗୋପ,୪।୬(ଡି.ଏନ୍.ଏ.)

ସଙ୍ଗୀତ ଜୀବନର ଏକ ଅଙ୍ଗ। ସଙ୍ଗୀତ ସବୁ ସମୟରେ ମନକୁ ପ୍ରଫୁଲ୍ଲ ରଖିବା ସହ ଅତୀତର ଅନେକ କଥାକୁ ମନେପକାଏ। ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡିଆରେ ଅନୁଷ୍ଠିତ ମା' ଭବାନୀ ସାଂସ୍କୃତିକ ଅନୁଷ୍ଠାନ ଓ ଗୋପ ପ୍ରେସ୍ କ୍ଲବର ୪ର୍ଥ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଛନ୍ତି। ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ଖଟୋଇଙ୍କ ଅଧ୍ୟକ୍ଷତାରେ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ଧର୍ମେନ୍ଦ୍ର ସାହୁ, ଧରଣୀଧର ସାହୁ, ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଭାଗୀରଥି ବେହେରା, ରଞ୍ଜିତ ସାହୁ, ପୁନେଶ ସେନାପତି ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଡା. ଶିବପ୍ରସାଦ ମଙ୍ଗରାଜ, ଡା. ଗୋପାଳକୃଷ୍ଣ ପଟ୍ଟନାୟକ, କସ୍ତୁରୀବାଳା ସ୍ୱାଇଁ, ଭାଗୀରଥି ବେହେରା, ନିର୍ମଳ ମିଶ୍ର, ବାଲୁଙ୍କେଶ୍ୱର ସାହୁ, ସୂର୍ଯ୍ୟନାରାୟଣ ସେନାପତି, ଖବରଦାତା ବିଜୟ ମହାପାତ୍ର, ସରୋଜ ସ୍ୱାଇଁ, କଳାକାର ପ୍ରତାପ ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

## ପଞ୍ଚାୟତ ସମିତି ନିକଟରେ ଶୌଚାଳୟ ନିର୍ମାଣ ଦାବି

କଣାସ,୪।୬(ସ୍ୱ.ପ୍ର):

କଣାସ ପଞ୍ଚାୟତ ସମିତି ନିକଟରେ ଶୌଚାଳୟ ନିର୍ମାଣ କରିବାକୁ ବକୁ ସମିତିସଭ୍ୟ ତଥା ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ଜଗଦେବ ଦାବି କରିଛନ୍ତି। ସମିତି କାର୍ଯ୍ୟାଳୟ ନିକଟରେ କଣାସ ତହସିଲ ଅଫିସ୍, କଣାସ ସବରେଜିଷ୍ଟ୍ରି ଅଫିସ, କୃଷି ଅଫିସ, ଶିଶୁ ବିକାଶ କାର୍ଯ୍ୟାଳୟ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ, ଅଗ୍ନିଶମ କାର୍ଯ୍ୟାଳୟ, ଅଦାଲତ କାର୍ଯ୍ୟାଳୟ, ପୁରୀ -ନିମାପଡା ବ୍ୟାଙ୍କ, ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟାଳୟ ରହିଛି। ବ୍ଲକର ୨୮ ପଞ୍ଚାୟତରୁ ଦୈନନ୍ଦିନ ଶହଶହ ମହିଳା ଓ ପୁରୁଷ ବିଭିନ୍ନ କାର୍ଯ୍ୟରେ କାର୍ଯ୍ୟାଳୟଗୁଡିକୁ ଆସୁଛନ୍ତି। ତେବେ ସେଠାରେ ଶୌଚାଳୟ ନ ଥିବାରୁ ମହିଳାମାନେ ଅଧିକ ହଇରାଣ ହେବା ସହ ପୁରୁଷମାନେ ମଧ୍ୟ ହଇରାଣ ହେଉଛନ୍ତି। ସେଠାରେ ଶୌଚାଳୟ ନିର୍ମାଣ କରାଗଲେ ଲୋକମାନେ ସୁବିଧାରେ ବ୍ୟବହାର କରିପାରିବେ। ତେଣୁ ବ୍ଲକ କାର୍ଯ୍ୟାଳୟ ନିକଟରେ ତୁରନ୍ତ ଶୌଚାଳୟ ନିର୍ମାଣ କରିବାକୁ ସମିତି ସଭ୍ୟ ଶ୍ରୀଜଗଦେବ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତ, ବିଡିଓ ଲୋଚନ ଦାସ, ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣି ଖଟେଇ, କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟଙ୍କ ନିକଟରେ ଦାବି କରିଛନ୍ତି।

## ଶିଶୁ ଶ୍ରମିକ ମୁକ୍ତ ସଚେତନତା ରଥ ଉଦ୍‌ଘାଟିତ

ପୁରୀ ଅଫିସ,୪।୬

ଜିଲାକୁ ଶିଶୁ ଶ୍ରମିକ ମୁକ୍ତ ଭାବେ ଗଢ଼ିବାକୁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଲକ୍ଷ୍ୟ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ଶ୍ରମ ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ସଚେତନତା ରଥକୁ ଶନିବାର ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳ ଉଦ୍‌ଘାଟନ କରିଥିଲେ। ଲୋକମାନଙ୍କୁ ଶିଶୁମାନଙ୍କ ଅଧିକାରର ସୁରକ୍ଷା ଓ ସାଧାରଣ ଲୋକଙ୍କ ଶିଶୁଙ୍କ ପ୍ରତି ଦାୟିତ୍ୱ ସମ୍ପର୍କରେ ସଚେତନ କରାଇବ ବୋଲି ଅତିରିକ୍ତ ଜିଲାପାଳ ଆଶାପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିଭିଜନାଲ ଶ୍ରମ କମିଶନର ଶିବଶଙ୍କର ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶ୍ରମ ଅଧିକାରୀ ଦିଲୀପ କୁମାର ପାଣି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସହକାରୀ ଶ୍ରମ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ପୂରା ଜିଲା ପରିକ୍ରମଣ କରି ସଚେତନତା ସୃଷ୍ଟି କରିବ ବୋଲି ଜିଲା ଶ୍ରମ ଅଧିକାରୀ ସୂଚନା ଦେଇଥିଲେ।


ଶିଶୁଶ୍ରମ ମୁକ୍ତ ନେଇ ପୁରୀ ଜିଲାରେ ସଚେତନତା ରଥକୁ ଉଦ୍‌ଘାଟନ କରାଯାଉଛି ।

## 'ପ୍ରତି ପ୍ରାଣୀ ମଧ୍ୟରେ ଈଶ୍ୱରଙ୍କ ସତ୍ତା'

**ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀର ସୁବର୍ଣ୍ଣ ଜୟନ୍ତୀ**

ପୁରୀ ଅଫିସ, ୪।୬

ପ୍ରତିଟି ପ୍ରାଣୀ ମଧ୍ୟରେ ଈଶ୍ୱରଙ୍କ ସତ୍ତା ରହିଛି। ପ୍ରେମ, ସମର୍ପଣ ଓ ସ୍ୱୀକାର ଦ୍ୱାରା ତାଙ୍କୁ ଉପଲବ୍ଧି କରିହେବ ବୋଲି ଶନିବାର ପୁରୀ ଦୁଦୁୱାଲା ଧର୍ମଶାଳାରେ ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀ ପକ୍ଷରୁ ଆୟୋଜିତ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବକୁ ଉଦ୍‌ଘାଟନ କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହା କହିଥିଲେ। ରାଜ୍ୟପାଳ ଗଣେଶୀ ଲାଲ୍ ଅଭିଭାଷଣରେ କହିଥିଲେ, ସମସ୍ତେ ଜଗନ୍ନାଥଙ୍କଠାରୁ ସୃଷ୍ଟି। ସେ ପୁରୁଷୋତ୍ତମ। ତାଙ୍କରି କୋଳରୁ ଆସିଛେ ତାଙ୍କରି କୋଳକୁ ଫେରିଯିବା। ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ପରମ୍ପରା ମହାନ୍। ଏଠାରେ ଧର୍ମ ମାନବତା, ଦେଶ ଅଖିଳବିଶ୍ୱ, ଶାସକ ପ୍ରଭୁ ଜଗନ୍ନାଥ। ସାଧାରଣ ଲୋକଙ୍କ ସହ ମିଶିବାକୁ ଈଶ୍ୱର ନିଜେ ମନ୍ଦିରରୁ ବାହାରି ଆସନ୍ତି ବୋଲି କହିବା ସହ ବିକାଶର ଅର୍ଥ ପ୍ରେମ, ଅନ୍ତଃକରଣର ପ୍ରେମ ବୋଲି କହିଥିଲେ। ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଜଗନ୍ନାଥ ଚେତନାକୁ ପ୍ରତିଟି ବ୍ୟକ୍ତି ପାଖରେ ପହଞ୍ଚାଇବାର ଉଦ୍ୟମକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ସମ୍ପ୍ରତି ସମାଜରେ ଦେଖାଯାଉଥିବା ଅବକ୍ଷୟକୁ ପ୍ରତିହତ କରି ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନରେ ଚାରଣ ଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେହିପରି କାର୍ଯ୍ୟକ୍ରମରେ ବରିଷ୍ଠ ଦଇତାପତି ସେବାୟତ ରାମଚନ୍ଦ୍ର ଦାଶ ମହାପାତ୍ର ଯୋଗଦାନ କରି ପଣ୍ଡିତ ସଦାଶିବ ରଥଶର୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ ଚାରଣ ଗୋଷ୍ଠୀ ବର୍ତ୍ତମାନ ଏକ ବିରାଟ ବିପ୍ଳବରେ ପରିଣତ ହୋଇଛି ବୋଲି କହିଥିଲେ। ଚାରଣ ଗୋଷ୍ଠୀର ସଭାପତି ପ୍ରଫେସର ଗୋପାଳ ଚନ୍ଦ୍ର ରଥଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ବଂଶୀଧର ପରିଡ଼ା ଚାରଣ ଗୋଷ୍ଠୀର ୨୫୩ଟି ଶାଖାରେ ସଦସ୍ୟମାନେ ଶ୍ରୀଜଗନ୍ନାଥ ଭାବଧାରାର ପ୍ରଚାର ପ୍ରସାରରେ ବ୍ରତୀ ଅଛନ୍ତି ବୋଲି କହିଥିଲେ। ସଦସ୍ୟ ଗୋବିନ୍ଦ ଚନ୍ଦ୍ର ବେହେରା ଅତିଥି ପରିଚୟ ଦେଇଥିଲେ। ହରିଶ ଚନ୍ଦ୍ର ସାହୁ, ଉପଦଳପତି ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟପାଳ ୪ଟି ପୁସ୍ତକ ଉନ୍ମୋଚନ କରିଥିଲେ। ଓଡ଼ିଶାର ବିଭିନ୍ନ ସ୍ଥାନରୁ ଚାରଣ ଗୋଷ୍ଠୀର ସଦସ୍ୟମାନେ ଏଥିରେ ଯୋଗ ଦେଇଛନ୍ତି।



ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ରାଜ୍ୟପାଳ ଓ ଅନ୍ୟଅତିଥିମାନେ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୫ ଜୁନ୍, ୨୦୨୨

## ସାପ କାମୁଡାରେ ବୃଦ୍ଧାଙ୍କ ମୃତ୍ୟୁ

ବାଙ୍କୀ,(ସ୍ୱ.ପ୍ର.): ବାଙ୍କୀ ବ୍ଲକ ଅନ୍ତର୍ଗତ ଅନ୍ଧାରୁଆ ଗ୍ରାମରେ ସାପ କାମୁଡାରେ ଶନିବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର କୈଳାସ ସେନାପତିଙ୍କ ସ୍ତ୍ରୀ ସୁବାସିନୀ (୭୫)। ସେ ଘରେ ଶୋଇଥିବା ବେଳେ ଗୋଟିଏ ବିଷାକ୍ତ ସାପ ତାଙ୍କୁ କାମୁଡିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସୁବାସିନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



## ସଂକ୍ଷେପରେ

### ୩ ବଖରା ଜଳିଗଲା

**ଖୁଣ୍ଟୁଣୀ, ୪।୬(ଡି.ଏନ୍.ଏ.):** ଆଠଗଡ଼ ବ୍ଲକ ଅଧୀନ ଛୋଟିଆମ୍ବ ଗ୍ରାମରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ଅନିଲ ପ୍ରଧାନ ଓ ବିବେକାନନ୍ଦ ପ୍ରଧାନଙ୍କ ୩ ବଖରା ଜଳିଯାଇଛି। ସେମାନଙ୍କ ପରିବାର ସଦସ୍ୟ ଗାଁରେ ଚାଲିଥିବା ଯାତ୍ରା ଦେଖିବାକୁ ଯାଇଥିବାବେଳେ ଘରେ ସେମାନଙ୍କ ବୃଦ୍ଧ ମାତାପିତା ଥିଲେ। ରାତି ପ୍ରାୟ ୨ଟାରେ ହଠାତ୍ ନିଆଁ ଲାଗିଯିବାରୁ ଘରେ ଶୋଇଥିବା ଅନିଲଙ୍କ ମାଆବାପା ବାହାରକୁ ଆସି ପଡୋଶୀଙ୍କୁ ଡାକିଥିଲେ। ତୁରନ୍ତ ଲୋକମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିବାବେଳେ ହଠାତ୍ ଘରେ ଥିବା ଗ୍ୟାସ୍ ଟାଙ୍କି ଫାଟି ଯାଇଥିଲା। ଫଳରେ ନିଆଁ ଲିଭାଇବା ସମ୍ଭବ ହୋଇ ନ ଥିଲା। ଆଠଗଡ଼ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ଶନିବାର ସକାଳେ ଗୁରୁଡିଝାଟିଆ ସରପଞ୍ଚଙ୍କ ପ୍ରତିନିଧି ସନାତନ ଦଳେଇ ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମନୋଜ ସାହୁ କ୍ଷୟକ୍ଷତି ଆକଳନ କରିବା ସହ ଅଗ୍ନିବିପନ୍ନଙ୍କୁ ପଲିଥିନ୍ ପ୍ରଦାନ କରିଥିଲେ।

### ବିନା ରାସାୟନିକ ସାରରେ ଚାଷକୁ ଗୁରୁତ୍ୱ

**କଟକ ସଦର, ୪।୬(ଡି.ଏନ୍.ଏ.):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଶନିବାର କନ୍ଦରପୁରଠାରେ ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଚାଷୀମାନେ ବିନା ରାସାୟନିକ ସାରରେ କରିବା, ଆଧାତ୍ମିକ ସନ୍ଦେଶ ଦ୍ୱାରା କୃଷକଙ୍କୁ କର୍ତ୍ତବ୍ୟନିଷ୍ଠ କରିବା ଉପରେ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏକ ରଥ କନ୍ଦରପୁର, ବନ୍ଧୁରୀ, ଆୟତ୍ତପୁର, କିଶନନଗର ଅଞ୍ଚଳ ପରିକ୍ରମା କରିଥିଲା। ବ୍ରହ୍ମାକୁମାରୀ କାଜଲ, ସୁପ୍ରିୟା, ଭାଇ ଆନନ୍ଦ, ଦେବରାଜ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସୁଜାତା ସେଠୀ, ସୁବାସିନୀ ରାଉତ, ପ୍ରାଧାପକ ଶାରଦା ପ୍ରସନ୍ନ ମହାପାତ୍ର, ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ଯୋଗ ଦେଇଥିଲେ।

### ରଥଯାତ୍ରା ପ୍ରସ୍ତୁତି ବୈଠକ

**କଟକ ଅଫିସ, ୪।୬:** ଯୋବ୍ରା ନୂଆସାହିସ୍ଥିତ ଶ୍ରୀ ଜୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରଥଯାତ୍ରା ପ୍ରସ୍ତୁତି ବୈଠକ ଦୋଳମଣ୍ଡପ ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ, ପରିମଳ, ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ଶୁଭେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସିଏମ୍‌ସି ମେୟର ସୁବାସ ସିଂ, କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ, ଝିଲି ବିହାରୀ, ଭବାନୀ ଶଙ୍କର ଦାସ, ପ୍ରତାପ ଚନ୍ଦ୍ର ମଲ୍ଲିକ, ନିକୁଞ୍ଜ ପଶାୟତ, ଜୟଦେବ ଜେନା, ଯୋବ୍ରା ଦୁର୍ଗା ମନ୍ଦିର ପରିଚାଳନା କମିଟି ସଭାପତି ଶରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଦିନିକିଆ ମାନସିକ ରୋଗର ଚିକିତ୍ସା ବ୍ୟବସ୍ଥା କରାଯାଉ

**କଟକ ସଦର, ୪।୬(ଡି.ଏନ୍.ଏ.):** କରୋନା କମିବା ପରେ ଗ୍ରାମାଞ୍ଚଳରେ ମାନସିକ ରୋଗର ଚିକିତ୍ସା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରାଯାଇଛି। ତଦନୁଯାୟୀ, କଟକ ସଦର ବ୍ଲକ ଅନ୍ତର୍ଗତ କିଶନ ନଗର ଓ କନ୍ଦରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମେ' ୬ ତାରିଖରୁ ଏହି ଚିକିତ୍ସା ଆରମ୍ଭ ହୋଇଛି। କଟକ ସିଟି ହସ୍ପିଟାଲର ଡାକ୍ତରମାନେ ଗୋଟିଏ ଦିନରେ ଦୁଇଟି ସ୍ଥାନରେ ରୋଗୀମାନଙ୍କୁ ଚିକିତ୍ସା ଯୋଗାଉଛନ୍ତି। ଯାହାକୁ ନେଇ ରୋଗୀ ସହାୟକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଚଣ୍ଡ ଖରାରେ ମାନସିକ ରୋଗୀଙ୍କୁ ଗୋଟିଏ ସ୍ଥାନରେ ବହୁ ସମୟ ଧରି ବସାଇବା କଷ୍ଟକର ବ୍ୟାପାର। ଡାକ୍ତରମାନେ ସକାଳବେଳା କିଶନ ନଗରରେ ରୋଗୀ ଚିକିତ୍ସା କରୁଥିବାବେଳେ ପୂର୍ବାହ୍ନ ୧୧ଟାରେ କନ୍ଦରପୁର ଆସୁଛନ୍ତି। ତେଣୁ ଉଭୟ ସ୍ଥାନକୁ ଅଲଗା ଅଲଗା ଦିନରେ ଡାକ୍ତରୀ ଟିମ୍ ପଠାଇବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ଜୁନ୍ ୩ ତାରିଖରେ ମଧ କଟକରୁ ଆସିଥିବା ଡାକ୍ତରୀ ଟିମ୍‌କୁ ଦୁଇ ସ୍ଥାନରେ ରୋଗୀ ଚିକିତ୍ସା କରିବାକୁ ପଡିଥିଲା। ଫଳରେ ଖରା ଯୋଗୁ ଗରମରେ ରୋଗୀ ଓ ସହାୟକଙ୍କୁ ହନ୍ତସନ୍ତ ହେବାକୁ ପଡ଼ିଥିଲା। ସମସ୍ୟା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ପ୍ରତିକ୍ରିୟା ମିଳିପାରିନାହିଁ।

# ୮ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷକର: ମେୟର

## ଟି-୨୦ ମ୍ୟାଚ୍ ପାଇଁ ସିଏମ୍‌ସିର ବୈଠକ

- ଖୋଲିବ ସିଏମ୍‌ସି କଣ୍ଟ୍ରୋଲରୁମ୍
- ରାସ୍ତା, ପାଣି ପାଇପ ମରାମତି ହେବ
- ପାର୍କିଂରେ ଲାଗିବ ୪୪୮ ଫ୍ଲଡ୍ ଲାଇଟ୍, ୨୮ ଟାୱାର ଲାଇଟ୍


ବୈଠକରେ ସିଏମ୍‌ସି ମେୟର, କମିଶନରଙ୍କ ସହ ଅନ୍ୟମାନେ।

**କଟକ ଅଫିସ,୪।୬**

ଆସନ୍ତା ୧୨ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍ ଖେଳାଯିବ। ଏଥିପାଇଁ କଟକ ବିଜୁଭବନ ପରିସରରେ ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌କୁ ଦୃଷ୍ଟିରେ ରଖି ରାସ୍ତା ମରାମତି, ପାନୀୟ ଜଳ, ବିଦ୍ୟୁତ୍ ଓ ପାର୍କିଂ ବ୍ୟବସ୍ଥା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଦର୍ଶକଙ୍କ ସୁରକ୍ଷା ଦୃଷ୍ଟିରୁ ପାର୍କିଂରେ ୪୪୮ ଫ୍ଲଡ୍ ଲାଇଟ୍ ଓ ୨୮ ଟାୱାର ଲାଇଟ୍ ଲଗାଯିବ। ଖେଳାଳିମାନେ ଯିବାଆସିବା ପଥକୁ ସଫା କରାଯିବା ସହ କାନ୍ଥରେ ସୁନ୍ଦର ଚିତ୍ର ଅଙ୍କାଯିବ। ଏଥିସହ ଷ୍ଟାଡିୟମ ଭିତର ଓ ବାହାରେ ପାନୀୟ ଜଳ ବ୍ୟବସ୍ଥା କରାଯିବ। ତେବେ ଏହି ସବୁ କାର୍ଯ୍ୟର ସୁପରିଚାଳନା ପାଇଁ ସିଏମ୍‌ସି ପକ୍ଷରୁ ଏକ କଣ୍ଟ୍ରୋଲରୁମ୍ ଖୋଲାଯିବ। ଷ୍ଟାଡିୟମରେ କେତୋଟି ଓ କେଉଁଠି କେଉଁଠି ଶୌଚାଳୟ ରହିଛି ସେ ସମ୍ପର୍କରେ ଓଡ଼ିଶା କ୍ରିକେଟ୍ ଆସୋସିଏଶନ(ଓସିଏ)କୁ ତଥ୍ୟ ମଗାଯାଇଛି। ତଥ୍ୟ ମିଳିବା ପରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସଫେଇ କର୍ମଚାରୀମାନଙ୍କୁ ଠିକ୍ ଢଙ୍ଗରେ ସଫା କରିବା ପାଇଁ ପ୍ରଶିକ୍ଷଣ ଦେବେ। ବିଶେଷକରି ସ୍ୱଚ୍ଛତା ଏବଂ ପରିମଳ ଉପରେ ଗୁରୁତ୍ୱ ଦିଆଯିବ। ସେହିପରି ଅତିରିକ୍ତ ଡିସିପି ପ୍ରମୋଦ ରଥ ଓ ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କୁ ନେଇ ଆଲୋଚନା କରାଯିବା ପରେ ଦର୍ଶକମାନେ କିପରି ସ୍ୱାସ୍ଥ୍ୟକର ଖାଦ୍ୟ ପାଇବେ ତାହା ଉପରେ ଗୁରୁତ୍ୱ ଦିଆଯିବ। ରାସ୍ତା ମରାମତି ପାଇଁ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଓ ପାଣି ପାଇପ ଲାଇନ ମରାମତି ଲାଗି ୱାଟ୍‌କୋକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୮ ତାରିଖ ପୂର୍ବରୁ ସମସ୍ତ କାର୍ଯ୍ୟ ସାରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମେୟର ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଡେପୁଟି କମିଶନର ଅଜୟ ମହାନ୍ତି, ଲତାଶ୍ରୀ ବାଗ୍‌ଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଗଣ୍ଡଗୋଳ, ୨ ଗୁରୁତର

**ତିଗିରିଆ,୪।୬(ଡି.ଏନ୍.ଏ.)**

- ଏକ ସେକ୍ସନ ପୋଲିସ ଫୋର୍ସ ମୁତୟନ
- ଉଭୟ ପକ୍ଷରୁ ଥାନାରେ ମାମଲା

ତିଗିରିଆ ଥାନା ଅନ୍ତର୍ଗତ ବଡ଼ନାଉପୁଟରେ ଶୁକ୍ରବାର ରାତିରେ ଗଣ୍ଡଗୋଳ ଘଟି ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଏହି ଗ୍ରାମର ସଂଗ୍ରାମ ପ୍ରଧାନ ଓ ବାପୁଜୀ ରଞ୍ଜନ ସ୍ୱାଇଁ। ସେମାନଙ୍କୁ ପ୍ରଥମେ ତିଗିରିଆ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ଥାନାରେ ୨ଟି ପୃଥକ ମାମଲା ରୁଜୁ କରାଯାଇଛି। ଗଣ୍ଡଗୋଳ ଆଶଙ୍କା କରି ଗ୍ରାମରେ ଏକ ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସଂଗ୍ରାମଙ୍କ ପରିବାର ଲୋକଙ୍କ ଅଭିଯୋଗ ମୁତାବକ ସେ ଶୁକ୍ରବାର ରାତିରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ଟଙ୍କା ପରିଶୋଧ ପାଇଁ ସ୍ୱପ୍ନେଶ୍ୱର ମନ୍ଦିର ଆଡୁ ବାଇକ୍‌ରେ ଆସୁଥିବା ବେଳେ ବାପୁଜୀ ଓ ତାଙ୍କ ସହଯୋଗୀ ଏକ ମୋଟରସାଇକେଲ୍‌ରେ ଆସି ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ତାଙ୍କ ଉପରକୁ ଗାଡ଼ି ଚଢ଼ାଇ ଦେଇଥିଲେ। ଫଳରେ ସେ ତଳେ ପଡିଯାଇଥିଲେ। ଏହି ସମୟରେ ବାପୁଜୀ ଓ ତାଙ୍କ ସହଯୋଗୀ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ଗ୍ରାମବାସୀ ଆସି ତାଙ୍କୁ ଉଦ୍ଧାର କରିଥିବାବେଳେ ବାପୁଜୀଙ୍କୁ ଧରିଥିଲେ। ମାତ୍ର ତାଙ୍କ ସହଯୋଗୀ ଖସିଯିବାକୁ ସକ୍ଷମ ହୋଇଥିଲେ। ଏହାପରେ ଗ୍ରାମବାସୀଙ୍କ ପକ୍ଷରୁ ପୋଲିସରେ ଖବର ଦିଆଯାଇଥିଲା।

ଅପରପକ୍ଷେ ବାପୁଜୀଙ୍କ ସ୍ତ୍ରୀ ନିରୁପମା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଉଭୟେ ସ୍ୱାମୀ ସ୍ତ୍ରୀ ନିକଟସ୍ଥ ବନ୍ଦାଳ ବଜାରରୁ ଘରକୁ ଫେରୁଥିବାବେଳେ ବାପୁଜୀଙ୍କୁ ଗୋଷ୍ଠୀଗତଭାବେ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିଲା। ଏଥିସହ ଅଶ୍ଳୀଳଭାବେ ଗାଳିଗୁଲଜ କରି ମାଡ ଦିଆଯାଇଥିଲା। ଫଳରେ ସେ ଗୁରୁତର ହୋଇଛନ୍ତି। ଉଭୟ ପକ୍ଷର ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସୁଚିତ୍ରା ଜେନା ସୂଚନା ଦେଇଛନ୍ତି।


କଟକ ଗଡ଼ଗଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ଶିବପାର୍ବତୀଙ୍କ ବିବାହ ଉତ୍ସବ।

# ବିବାହ ବନ୍ଧନରେ ହରପାର୍ବତୀ

**ତିଗିରିଆ,୪।୬(ଡି.ଏନ୍.ଏ.)**

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ରାମେଶ୍ୱରଙ୍କ ମନ୍ଦିରରେ ଶନିବାର ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ରାମେଶ୍ୱରଙ୍କ ଚଳନ୍ତି ପ୍ରତିମା ବରଯାତ୍ରୀ ଦଳ ଶୋଭାଯାତ୍ରା ବାହାରି ନୂଆପାଟଣା ମୁଖ୍ୟ ରାଜପଥ ସହ ଗ୍ରାମ ପରିକ୍ରମା କରି ପୁନର୍ବାର ମନ୍ଦିରରେ ପହଞ୍ଚିଥିଲା। ମନ୍ଦିରରେ ଦେବଦମ୍ପତିଙ୍କ ବିବାହ ପର୍ବ ଆରମ୍ଭ ହୋଇଥିଲା। ରାମେଶ୍ୱର ସେବା ସଂଘର ସଭାପତି କେଶବ ପାତ୍ର ଓ ସମ୍ପାଦକ ପ୍ରଫୁଲ୍ଲ ତୋଷଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଏହାକୁ ପରିଚାଳନାରେ ସହଯୋଗ କରିଥିଲେ। ମନ୍ଦିର ମୁଖ୍ୟ ସେବାୟତ ପଦ୍ମନାଭ ରଣା ଓ ମାନସ ରଣାଙ୍କ ସହ ଆଚାର୍ଯ୍ୟ ରମେଶ ଚନ୍ଦ୍ର ହୋତା, ସୁଦର୍ଶନ ହୋତା, ସତ୍ୟବାଦୀ ହୋତା ଓ ବାବୁ ମିଶ୍ର ପ୍ରମୁଖ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପାଦନା କରିଥିଲେ। ସେହିପରି ମାନପୁର କପିଳେଶ୍ୱର ମହାଦେବଙ୍କ ପୀଠରେ ଗ୍ରାମବାସୀ ଏବଂ ସେବାୟତ ଗୋଷ୍ଠୀଙ୍କ ମିଳିତ ଆୟୋଜନରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ୟାପିତା ଭାବେ ମୁରଲୀଧର ରଣା ଏବଂ ବର ବାପା ଭାବେ ପବିତ୍ର ମୋହନ ରଣା ଦାୟିତ୍ୱ ନିର୍ବାହ କରିଥିଲେ। ଆଚାର୍ଯ୍ୟ ଚତୁର୍ଭୁଜ ଶତପଥୀ ଏବଂ ନକୁଳ ଚରଣ ଶତପଥୀ ବିବାହ ବେଦିରେ ବୈଦିକ କର୍ମକାଣ୍ଡ ସଞ୍ଚାଳନ କରିଥିଲେ।


ରାମେଶ୍ୱରଙ୍କ ଚଳନ୍ତି ପ୍ରତିମାକୁ ଶୋଭାଯାତ୍ରାରେ ନିଆଯାଉଛି।

## ଟଙ୍କା ଫେରାଇଥିବା ୨୨୭ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳୁନି

**କଟକ ସଦର, ୪।୬(ଡି.ଏନ୍.ଏ.)**

୨୦୦୦-୨୦୧୪ ମଧ୍ୟରେ ଇନ୍ଦିରା ଆବାସ କାର୍ଯ୍ୟାଦେଶ ପାଇ ଅଧାପନ୍ତରିଆ ଘର କରିଥିବା ହିତାଧିକାରୀଙ୍କ ପାଇଁ ରାଜ୍ୟ ସରକାର ନୂଆ ନୀତି ପ୍ରଣୟନ କରିଥିଲେ। କିସ୍ତି ନେଇ ଅଧା ଘର କରିଥିବା ହିତାଧିକାରୀ ଟଙ୍କା ଫେରାଇଦେଲେ ସେମାନଙ୍କୁ ନୂଆ ଯୋଜନାରେ ସାମିଲ କରାଯିବ। ଘର ସମ୍ପୂର୍ଣ୍ଣ କରିବା ପାଇଁ ଏବେକାର ୧ଲକ୍ଷ ୨୦ ହଜାର ଟଙ୍କିଆ ପ୍ରଧାନମନ୍ତ୍ରୀ ଆବାସ ଦିଆଯିବ। କାରଣ ୨୨ ହଜାର, ୩୫ ହଜାର ଓ ୪୫ ହଜାର ଟଙ୍କିଆ ଇନ୍ଦିରା ଆବାସ ପାଇଥିବା ବହୁ ବିପିଏଲ ହିତାଧିକାରୀ ସେତିକି ଟଙ୍କାରେ ଘର କରିବା ଏବେ ସମ୍ଭବ ନୁହେଁ। ଘର ନିର୍ମାଣର ମୂଲ୍ୟ ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନୀତି ପ୍ରଣୟନ କରିଥିଲେ। ନୂଆ ଯୋଜନାରେ ଆକର୍ଷିତ ହୋଇ କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତର ୨୨୭ ହିତାଧିକାରୀ ୨୦୧୯ ମସିହାରୁ ଟଙ୍କା ଫେରସ୍ତ କରିସାରିଛନ୍ତି। ଇତିମଧ୍ୟରେ ୩ ବର୍ଷ ବିତିଯାଇଥିଲେ ସୁଦ୍ଧା ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିପାରିନାହିଁ। ଏହା ଉପରେ ଦୃଷ୍ଟି ଦେବା ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ପତ୍ର ଲେଖିଛନ୍ତି। କଟକ ଜିଲା ବାତ୍ୟାପ୍ରବଣ ଅଞ୍ଚଳ ହୋଇଥିବାରୁ ନୂଆଘର ସେମାନଙ୍କ ପାଇଁ ଜରୁରୀ ହୋଇପଡ଼ିଛି। ଏ ସମ୍ପର୍କରେ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡା କହିଛନ୍ତି, ୨ ବର୍ଷ ହେବ ଉକ୍ତ ବ୍ଲକକୁ ନୂଆ ଘର ଟାର୍ଗେଟ ଆସିନାହିଁ। ତେଣୁ ଟଙ୍କା ଫେରସ୍ତ କରିଥିବା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦେବା ସମ୍ଭବ ହୋଇପାରିନାହିଁ।

# ଜାତୀୟ ଯୋଗ ଅଲିମ୍ପିଆଡ୍‌ରେ ଭାଗେ ନେବେ କଟକର ୩ ଛାତ୍ରୀ

**କଟକ ଅଫିସ,୪।୬**

ବିଶ୍ୱ ଯୋଗ ଦିବସ ଉପଲକ୍ଷେ ଆସନ୍ତା ୨୧ ତାରିଖରେ ଦିଲ୍ଲୀଠାରେ ଜାତୀୟସ୍ତରୀୟ ଯୋଗ ଅଲିମ୍ପିଆଡ ଅନୁଷ୍ଠିତ ହେବ। ଏଥିରେ କଟକ କାଜିବଜାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୩ଜଣ ଛାତ୍ରୀ ଭାଗନେବାକୁ ମନୋନୀତ ହୋଇଛନ୍ତି। ସେମାନେ ଇପ୍‌ସିତା ହାଲଦାର, ଶକ୍ତିସ୍ୱରୂପା ସିଂ ସାମନ୍ତ ଓ ମେହେକ ବେଗମ୍। ଭୁବନେଶ୍ୱରଠାରେ ହୋଇଥିବା ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିଆଡ ପ୍ରତିଯୋଗିତାରେ ଏହି ୩ଜଣ ଛାତ୍ରୀ କୃତକାର୍ଯ୍ୟ ହୋଇ ଜାତୀୟ ସ୍ତରୀୟ ଅଲିମ୍ପିୟାଡରେ ଭାଗ ନେବା ପାଇଁ ମନୋନୀତ ହୋଇଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ମଲ୍ଲିକ ସୂଚନା ଦେଇଛନ୍ତି। ଏ ନେଇ ଶନିବାର ସ୍କୁଲ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମଲ୍ଲିକ, ଜିଲା କ୍ରୀଡା ଅଧିକାରୀ ସୌଦାମିନୀ ଦାସ, ଶିକ୍ଷୟିତ୍ରୀ ଅଞ୍ଜଳି ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରଜ ବାସକ, ଉପସଭାପତି ସବିତା ସିଂ ସାମନ୍ତ, ମିୟାରମ ବିବି ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଅତିରିକ୍ତି ଜିଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ, ସୋନାମିକା ରାଏ, ଦୀପ୍ତି ଶୁଭଦର୍ଶିନୀ, ମଣ୍ଡଳ ଶିକ୍ଷା ଅଧିକାରୀ ସରସ୍ୱତୀ କାନୁନ୍‌ଗୋ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କଳିଙ୍ଗ ଛକରେ ନିଶାସକ୍ତଙ୍କ ଦୌରାତ୍ମ୍ୟ


ନିଶାସକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାଧିକାରୀଙ୍କୁ ଏତଲା ଦିଆଯାଉଛି।

**ଚୌଦ୍ୱାର, ୪।୬(ଡି.ଏନ୍.ଏ.)**

### କାର୍ଯ୍ୟାନୁଷ୍ଠାନ ଦାବିରେ ଏତଲା

ଚୌଦ୍ୱାର ଥାନା ଅଧୀନ କଳିଙ୍ଗ ଛକରେ ନିଶାସକ୍ତ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ନିଶାସକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇଣ୍ଟରନ୍ୟାଶନାଲ ହ୍ୟୁମାନ୍ ରାଇଟ୍ସ କାଉନ୍‌ସିଲ୍‌ର ଓଡ଼ିଶା ଶାଖା ପକ୍ଷରୁ ଶନିବାର ଚୌଦ୍ୱାର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତିଙ୍କୁ ଏତଲା ଦିଆଯାଇଛି। ଏତଲାରେ ଉଲ୍ଲେଖ କରାଯାଇଛି, କଳିଙ୍ଗ ଛକରେ ମଦ ଦୋକାନ ରହିଛି। ଅସାମାଜିକ ବ୍ୟକ୍ତିମାନେ ମଦ ପିଇବା ପରେ ନିଶାସକ୍ତ ଅବସ୍ଥାରେ ଗାଳିଗୁଲଜ କରୁଛନ୍ତି। ଫଳରେ ସେହି ବାଟ ଦେଇ ମହିଳା, ଛାତ୍ରୀଛାତ୍ର ଓ ପଥଚାରୀ ଯିବାକୁ ନିରାପଦ ମଣୁନାହାନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବା ପାଇଁ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଛି। କାଉନ୍‌ସିଲର ଓଡ଼ିଶା ଶାଖା ସଭାପତି ସସ୍ମିତା ଦାସ, ନାରାୟଣ ବିଶ୍ୱାଳ, ଅଭିଳାସ ଚନ୍ଦ୍ର ସାହୁ, ସଞ୍ଜୀତ୍ କୁମାର ମହାନ୍ତି, ପୁଷ୍ପାଞ୍ଜଳି ଦାସ ପ୍ରମୁଖ ଆଇଆଇସିଙ୍କୁ ଏତଲା ଦେଇଥିଲେ।

## କୂଅରେ ଖସିପଡ଼ିଲା ଷଣ୍ଢ

**ବାଙ୍କୀ,୪।୬(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଅନ୍ତର୍ଗତ ଭଗିପୁର ଗ୍ରାମରେ ଶନିବାର ମଧ୍ୟାହ୍ନ ସମୟରେ ୪ ବୁଲା ଷଣ୍ଢ ମଧ୍ୟରେ ଲଢ଼େଇ ହେଉଥିବା ବେଳେ ଗୋଟିଏ ନିକଟସ୍ଥ କୂଅରେ ପଡିଯାଇଥିଲା। ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବରପାଇ ଡମପଡ଼ା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଷଣ୍ଢକୁ ଉଦ୍ଧାର କରିଥିଲା। ଏବେ ଷଣ୍ଢର ଅବସ୍ଥା ଭଲ ଅଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# 'ଜଙ୍ଗଲ ରହିଲେ ଜୀବଜଗତ ବଞ୍ଚିବ'

**ଖୁଣ୍ଟୁଣୀ, ୪।୬(ଡି.ଏନ୍.ଏ.)**

### ଜଙ୍ଗଲ ସୁରକ୍ଷା ସଚେତନତା ସଭା

ଆଠଗଡ଼ ବ୍ଲକ ଅଧୀନ କଣ୍ଡରେଇ ପଞ୍ଚାୟତର କଲ୍ୟାଣ ମଣ୍ଡପଠାରେ ଜଙ୍ଗଲ ସୁରକ୍ଷା ସଚେତନତା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ଜ୍ଞାନରଞ୍ଜନ ଦାଶ ଅଧ୍ୟକ୍ଷତା କରି ଜଙ୍ଗଲ ରହିଲେ ଜୀବଜଗତ ବଞ୍ଚିବ ବୋଲି କହିଥିଲେ। ଏଥିପାଇଁ ପୁରାତନ ଜଙ୍ଗଲର ସୁରକ୍ଷା ଓ ନୂତନ ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିବା ସହ ଏ ଦିଗରେ ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗ ଦରକାର ବୋଲି ସେ କହିଥିଲେ। ଏହି ସଭାରେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ର ପାଲ୍ ସିଂ ମାଥୁର, ଫରେଷ୍ଟର ଲମ୍ବୋଧର ନାୟକଙ୍କ ସମେତ ବନ ବିଭାଗର କର୍ମଚାରୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସଂଗଠକ ଅଜୟ କୁମାର ବେହେରା, ନଗେନ୍ଦ୍ର ବେହେରା, ସତ୍ୟାନନ୍ଦ ସାହୁ, ନୀଳମଣି ସ୍ୱାଇଁ, ହୃଷୀକେଶ ପରିଡା, ସୁରେନ୍ଦ୍ର ସ୍ୱାଇଁ, ବନମାଳୀ ସାହୁଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡ଼ ସଭ୍ୟସଭ୍ୟା ଓ ବିଭିନ୍ନ ଗ୍ରାମରୁ ଆସିଥିବା ୩୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ଥିଲେ। ପରେ ଜଙ୍ଗଲ ସୁରକ୍ଷା ପାଇଁ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରୁ ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା।


କମିଶନରେଟ୍ ପୋଲିସ ଓ ମାରୱାଡି ଯୁବାମଞ୍ଚର ମିଳିତ ଆନୁକୂଲ୍ୟରେ କଟକ ଡିସିପି ଅଫିସ୍ ପରିସରରେ ଶନିବାର ଅନୁଷ୍ଠିତ କର୍କଟ ରୋଗ ଚିହ୍ନଟ ଶିବିର।

# ସହରର ଟ୍ରାଫିକ୍ ସମସ୍ୟା ଦୂର ହେବ

**କଟକ ଅଫିସ, ୪।୬**

### ଏଇକମ୍ କମ୍ପାନୀ ୨ ବର୍ଷରେ ସାରିବ ପ୍ରକଳ୍ପ କାର୍ଯ୍ୟ

କଟକ ସହରରେ ସମୟ ଉପଯୋଗୀ ଟ୍ରାଫିକ ପରିଚାଳନା ଯୋଜନା କାର୍ଯ୍ୟକାରୀ ନ ହେବା, ଆଞ୍ଚଳିକ ଓ ସହର ଟ୍ରାଫିକ ନିୟନ୍ତ୍ରଣ ମଧ୍ୟରେ ସାମଞ୍ଜସ୍ୟ ନ ରହିବା, ଟ୍ରାଫିକ ପାଇଁ ଆବଶ୍ୟକ ପଡୁଥିବା ଚଉଡା ରାସ୍ତା ଏବଂ ଅଣଚଉଡା ରାସ୍ତାରେ ଗାଡିମୋଟର ଯାନ ଚାଲିବା ଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି କରିଛି। ଏହି ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ସହରରେ ଯାତାୟାତ ଅବରୋଧମୁକ୍ତ ଯୋଜନା କାର୍ଯ୍ୟକାରୀ କରାଯିବ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ଟେଣ୍ଡର ଡକାଯାଇଥିଲା। ଏଥିରେ ୩ଟି ରାଷ୍ଟ୍ରୀୟ କମ୍ପାନୀ (ନିପନକୋଇ ପ୍ରାଇଭେଟ ଲିମିଟେଡ, ଟ୍ରାକ୍ଟାବେଲ ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡ ଓ ଏଇକମ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ) ଭାଗ ନେଇଥିଲେ। ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଏଇକମ ଇଣ୍ଡିଆ ପ୍ରାଇଭେଟ ଲିମିଟେଡକୁ ଚୟନ କରି କାର୍ଯ୍ୟାଦେଶ ପ୍ରଦାନ କରିଛି। କମ୍ପାନୀ ୮ ମାସ ମଧ୍ୟରେ ଏହି କାର୍ଯ୍ୟର ମ୍ୟାପ ପ୍ରସ୍ତୁତୀକରଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପ୍ରକଳ୍ପ କାର୍ଯ୍ୟ ୨ ବର୍ଷ ମଧ୍ୟରେ ଶେଷ କରାଯାଇ ସହରବାସୀଙ୍କୁ ସର୍ବଶ୍ରେଷ୍ଠ ଟ୍ରାଫିକ ବ୍ୟବସ୍ଥା ଯୋଗାଇଦେବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଟ୍ରାଫିକ ନିୟନ୍ତ୍ରଣ, ରାସ୍ତାକଡ ଓ ବାହାର ସମେତ ଅନ୍ୟାନ୍ୟ ପାର୍କିଂ ସ୍ଥାନ ଉପଯୋଗ, ପାଦଚଲା ରାସ୍ତା, ସାଇକେଲ ରାସ୍ତା, ମୋଟ୍ ରାସ୍ତା ମୁଖ୍ୟରାସ୍ତାଗୁଡିକ ସହ ସଂଯୋଗୀକରଣ, ରାସ୍ତାଜାମ ଦୂର ପାଇଁ କାର୍ଯ୍ୟଖସଡା ପ୍ରସ୍ତୁତି, ବିସ୍ତୃତ ଟ୍ରାଫିକ୍ ପରିଚାଳନା ଯୋଜନା, ପାର୍କିଂ ସ୍ଥାନ ଚିହ୍ନଟ, ରାସ୍ତାର ବିସ୍ତୃତ ନକ୍ସା, ଜଙ୍କଶନ୍ ମ୍ୟାପ, ରାସ୍ତା ବିଭାଜନ ସ୍ଥଳରେ ପାଦଚଲା କ୍ରସିଂ, ବସିବା ସ୍ଥାନ, ଆଲୋକୀକରଣ ଆଦି କାର୍ଯ୍ୟ କମ୍ପାନୀ ଦ୍ୱାରା କରାଯିବ। ସହରର ରାସ୍ତାପାର୍ଶ୍ୱରେ ପାର୍କିଂ ବ୍ୟବସ୍ଥା ନ ରହିବା, ରାସ୍ତାକଡରେ ଉଠାଦୋକାନୀ ବ୍ୟବସାୟ କରିବା ଦ୍ୱାରା ଟ୍ରାଫିକ ଜାମ ପରିସ୍ଥିତି ସୃଷ୍ଟି ହେଉଛି। ଏଣୁ ସିଡିଏ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯାତାୟାତ ଅବରୋଧମୁକ୍ତ ଯୋଜନା କଟକ ସହରର ଟ୍ରାଫିକ ସମସ୍ୟା ଦୂର କରିବ ବୋଲି ଅଧ୍ୟକ୍ଷ ସାମଲ କହିଛନ୍ତି।